# ECHO OF HIS CALL

ECHO OF HIS CALL 1969-2019 GOLDEN JUBILEE

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIA, ASSAMESE, PUNJABI, NEPALI, URDU, SINHALA & AFRIKAANS

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

Vol. XXII | YEAR OF OUR LORD JESUS CHRIST, 2020 SEPTEMBER | No. 8


### ପବିତ୍ର ବାଇବଲ

(ଦୟାକରି ଏହି ଅଂଶଟିକୁ ମୁଖସ୍ଥ କରନ୍ତୁ)

ସଦାପ୍ରଭୁଙ୍କର ପ୍ରଶଂସା କର !

(ଗୀତ ସଂହିତା ୪:୧-୮)

୧. ହେ ମୋହର ଧର୍ମ ସ୍ୱରୂପ ପରମେଶ୍ୱର, ମୁଁ ଡାକିଲେ ମୋତେ ଉତ୍ତର ଦିଅ; ସଙ୍କଟରେ ଥିବା ସମୟରେ ତୁମ୍ଭେମୋତେ ପ୍ରଶସ୍ତ ସ୍ଥାନ ଦେଇଅଛ; ମୋତେ ଦୟାକର ଓ ମୋହର ପ୍ରାର୍ଥନା ଶୁଣ ।

୨. ହେ ମନୁଷ୍ୟ ସନ୍ତାନଗଣ, କେତେ କାଳ ମୋହର ଗୌରବ ଅପମାନରେ ପରିଣତ ହେବ ? କେତେ କାଳ ତୁମ୍ଭେମାନେ ଅସାରତାକୁ ସ୍ନେହ କରିବ ଓ ମିଥ୍ୟାର ଅନ୍ୱେଷଣ କରିବ ?

୩. ମାତ୍ର ସଦାପ୍ରଭୁ ଆପଣା ପାଇଁ ସଦ୍‌ଭକ୍ତ ଲୋକକୁ ପୃଥକ୍ କରି ରଖିଅଛନ୍ତି, ଏହା ଜ୍ଞାତ ହୁଅ; ମୁଁ ସଦାପ୍ରଭୁଙ୍କୁ ଡାକିଲେ, ସେ ଶୁଣିବେ ।

୪. ଭୀତ ହୁଅ ଓ ପାପ କର ନାହିଁ ; ତୁମ୍ଭେମାନେ ଶଯ୍ୟା ଉପରେ ମନେ ମନେ କଥା କହି ନୀରବ ହୁଅ ।

୫. ଧର୍ମବଳି ଉତ୍ସର୍ଗ କର ଓ ସଦାପ୍ରଭୁଙ୍କ ଠାରେ ବିଶ୍ୱାସ କର ।

୬. ଅନେକେ କହନ୍ତି, କିଏ ଆମ୍ଭମାନଙ୍କୁ ମଙ୍ଗଳ ଦେଖାଇବ ? ହେ ସଦାପ୍ରଭୋ, ଆମ୍ଭମାନଙ୍କ ପ୍ରତି ଆପଣା ମୁଖର ତେଜ ପ୍ରକାଶ କର ।

୭. ତୁମ୍ଭେ ମୋ ଅନ୍ତଃକରଣରେ ଆନନ୍ଦ ଦେଇଅଛ, ତାହା ସେମାନଙ୍କ ଶସ୍ୟ ଓ ଦ୍ରାକ୍ଷାରସ ବୃଦ୍ଧିକାଳର ଆନନ୍ଦ ଅପେକ୍ଷା ଅଧିକ ।

୮. ମୁଁ ଶାନ୍ତିରେ ଶୟନ କରିବି ଓ ନିଦ୍ରା ଯିବି; କାରଣ ହେ ସଦାପ୍ରଭୋ, କେବଳ ତୁମ୍ଭେ ମୋତେ ନିରାପଦରେ ବାସ କରାଉଅଛ ।

## ମନୋନୀତ ଓ ଅହ୍ୱାନ !

## CHOSEN AND THE CHALLENGE !

"ଯେଉଁ ଦିନ ଯୀଶୁ ଆପଣା ମନୋନୀତ ପ୍ରେରିତମାନଙ୍କୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଆଜ୍ଞାଦେଇ ଉର୍ଦ୍ଧ୍ୱରେ ଗୃହୀତ ହେଲେ, ସେହିଦିନ ପର୍ଯ୍ୟନ୍ତ..."(ପ୍ରେରିତ ୧:୧)

ଅଷ୍ଟାଦଶ ଶତାବ୍ଦୀରେ ଫ୍ରାନ୍‌ସ ଓ ଇଂଲଣ୍ଡ ମଧ୍ୟରେ ଗୋଟିଏ ବଡ଼ ଯୁଦ୍ଧ ସଂଘଟିତ ହୋଇଥିଲା । ଫରାସୀ ସୈନ୍ୟବାହିନୀ ଫରାସୀ ଆନ୍ଦୋଳନର ପ୍ରସିଦ୍ଧ ନେତା ନେପୋଲିୟନ ବୋନାପାର୍ଟଙ୍କ ନେତୃତ୍ୱ ଅଧୀନରେ ଯୁଦ୍ଧ କରିଥିଲେ । ଇଂରେଜ ନୌସେନାର ସେନାପତି ଥିଲେ ଅତି ପ୍ରଶଂସିତ ସେନାଧ୍ୟକ୍ଷ ନେଲ୍‌ସନ୍ । ବ୍ରିଟିଶ ସେନାବାହିନୀର ସେନାଧ୍ୟକ୍ଷ ଇଂରେଜ ନୌସେନାଧ୍ୟକ୍ଷଙ୍କୁ ବୋନାପାର୍ଟଙ୍କର ନୌସେନା ବିରୁଦ୍ଧରେ ଯୁଦ୍ଧ ଚଳାଇ ତାଙ୍କୁ ଯେ କୌଣସି ମୂଲ୍ୟ ବିନିମୟରେ ପରାସ୍ତ କରିବା ପାଇଁ ଆଦେଶ ଦେଇଥିଲେ । ଆଦେଶ ପାଇବାପରେ ନେଲ୍‌ସନ୍ ଯାତ୍ରାରମ୍ଭ କରିଥିଲେ। ଯୁଦ୍ଧରେ, ସେ ତାଙ୍କର ଗୋଟିଏ ଗୋଡ଼ ଓ ଗୋଟିଏ ଚକ୍ଷୁ ମଧ ହରାଇଥିଲେ, ମାତ୍ର ସେ ଏପରି ନିରବଛିନ୍ନ ଭାବରେ ଯୁଦ୍ଧ ଚଳାଇଥିଲେ, ଯାହାକୁ ନେପୋଲିୟନ ମଧ ପ୍ରଶଂସା କରିଥିଲେ। ଇତିହାସରେ ଲିପିବଦ୍ଧ ଅଛିଯେ ନେଲ୍‌ସନ୍ ଯେଉଁ ଆଦେଶ ପାଇଥିଲେ, ତାହା ପ୍ରତି ସେ ଏତେ ସମର୍ପିତ ଥିଲେ, ଯାହା ନେପୋଲିୟନଙ୍କୁ ବିସ୍ମୟାନ୍ୱିତ କରିଥିଲା ।

ନେଲ୍‌ସନ୍ ଗୋଟିଏ ଗାଜତିକ ଶାସକର ଆଦେଶପ୍ରତି ସମର୍ପିତ ଥିଲେ । ତେବେ ଆମେ ପ୍ରତ୍ୟେକେ ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁଙ୍କ ମହାନ୍ ଆଦେଶ ପ୍ରତି କେତେ ଅଧିକ ସମର୍ପିତ ଓ ଅନୁଗତ ରହିବା ଆବଶ୍ୟକ ? ପାର୍ଥିବ ଶାସକର ଆଜ୍ଞା ପ୍ରତି ବାଧ ହେବା ଫଳରେ , ନେଲ୍‌ସନ୍ ଇତିହାସରେ ଏକ ବିଶେଷ ସ୍ଥାନ ଅଧିକାର କରିପାରିଥିଲେ ।ତେବେ ଆମେ ଯଦି ଆମ ପ୍ରଭୁଙ୍କ ଆଦେଶର ବାଧ ହେବା, ତେବେ ସେ ଆମକୁ ଇତିହାସରେ କେତେ ଅଧିକ ସମ୍ମାନ ନ ଦେବେ ! ବାଇବଲ ବିଶ୍ୱସ୍ତ ଦାସ ପ୍ରତି ପୁରସ୍କାରର ପ୍ରତିଶ୍ରୁତି ଦେଇଛଇ: "ତାହାର ପ୍ରଭୁ ତାହାକୁ କହିଲେ, ବେଶ୍, ଉତ୍ତମ ଓ ବିଶ୍ୱସ୍ତ ଦାସ, ତୁମ୍ଭେ ଅଳ୍ପ ବିଷୟରେ ବିଶ୍ୱସ୍ତ ହେଲେ, ମୁଁ ତୁମ୍ଭକୁ ବହୁତ ବିଷୟ ଉପରେ ନିଯୁକ୍ତ କରିବି, ତୁମ୍ଭେ ଆପଣା ପ୍ରଭୁଙ୍କ ଆନନ୍ଦର ସହଭାଗୀ ହୁଅ" (ମାଥିଉ ୨୫:୨୧)

ଏଇ ନିକଟରେ ,ଆମେ ଇଷ୍ଟର ପାଳନ କରିଥିଲୁ । ସେଥିପାଇଁ ବର୍ତ୍ତମାନ ପନରୁତ୍ଥିତ ପ୍ରଭୁ ତାଙ୍କର ଶିଷ୍ୟମାନଙ୍କୁ ଦେଇଥିବା କେତେକ ଆଜ୍ଞା ଉପରେ ଚିନ୍ତା କରିବା ଆମ ପାଇଁ ଉତ୍ତମ ହେବ । ଏହି ଆଦେଶଗୁଡିକ କେବଳ ଶିଷ୍ୟମାନଙ୍କୁ ନୁହେଁ ମାତ୍ର ଖ୍ରୀଷ୍ଟଙ୍କର ସମସ୍ତ ଲୋକମାନଙ୍କୁ ପ୍ରଦାନ କରାଯାଇଛି । ଯଦି ପୃଥିବୀରେ ପ୍ରାୟ ୩୦୦ କୋଟୀ ଖ୍ରୀଷ୍ଟିଆନ ଅଛନ୍ତି, ତେବେ ସେମାନଙ୍କ

(ଅବଶିଷ୍ଟାଂଶ ତୃତୀୟ ପୃଷ୍ଠାରେ)

*Touching Lives by Teaching.....Since 1969.*

# ଆହ୍ୱାନର ପ୍ରତିଧ୍ୱନି

PUBLISHED MONTHLY IN - ENGLISH, TAMIL, MALAYALAM, TELUGU, HINDI , MARATHI, KANNADA, BENGALI, GUJARATI, ODIYA, NEPALI, ASSAMESE, PUNJABI, URDU, SINHALA & AFRIKAANS




## ସଂପାଦକୀୟ....



"ଭୟ କରନାହିଁ, କାରଣ ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ, ଅମ୍ଭେ ତୁମ୍ଭର ନାମ ଧରି ତୁମ୍ଭ ଆହ୍ୱାନ କରିଅଛୁ, ତୁମ୍ଭେ ଆମ୍ଭର" (ଯିଶାଇୟ ୪୩:୧)

ଖ୍ରୀଷ୍ଟ ଯୀଶୁରେ ପ୍ରିୟ ବନ୍ଧୁଗଣ,

ଆମେ ଆମର ପ୍ରଭୁ ଓ ତ୍ରାଣ କର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ମଧୁର ନାମରେ ଅଭିବାଦନ ଜଣାଉଅଛୁ ।

ବିଗତ ୫୦ ବର୍ଷ ଧରି ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଯେପରି ସୁନ୍ଦର ଭାବରେ ଅମକୁ କଢାଇ ଆଣିଛନ୍ତି, ତାହା ଭାବି ଆମେ ତାଙ୍କଠାରେ ଅତିରିକ୍ତ ଆନନ୍ଦ ପ୍ରକାଶ କରୁଅଛୁ। "ଆହ୍ୱାନର ପ୍ରତିଧ୍ୱନି"ର କାର୍ଯ୍ୟକାରୀ ଦଳ ଭାବରେ ,ଆମେ ଆମର ସମସ୍ତ ସହଯୋଗୀମାନଙ୍କୁ ଏହି ଛୋଟ ସେବାକାର୍ଯ୍ୟ ମାଧମରେ ଈଶ୍ୱରଙ୍କ ରାଜ୍ୟର ବୃଦ୍ଧି ପାଇଁ ସେମାନଙ୍କ ନିରନ୍ତର ପ୍ରାର୍ଥନା ଓ ଅର୍ଥ ସହାୟତା ନିମନ୍ତେ ଧନ୍ୟବାଦ ଜଣାଉଅଛୁ ।

୨୦୧୯ ଅଗଷ୍ଟ ୯, ୧୦,୧୧ ରେ , ଆମ ମୁଖ୍ୟ ଉପାସନାଳୟଠାରେ ଅନୁଷ୍ଠିତ ହୋଇଥିବା ଆମର ନିରାଡମ୍ବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉପରେ ପ୍ରଭୁ ଆଶୀର୍ବାଦ କରିଥିଲେ । ଆମେ ଆମର ସେହି ସମସ୍ତ ବନ୍ଧୁଙ୍କୁ ଧନ୍ୟବାଦ ଜଣାଉଅଛୁ ଯେଉଁମାନେ ସେମାନଙ୍କ ବିଶେଷ ପ୍ରାର୍ଥନା , ଅଭିନନ୍ଦନ ଓ ଦାନ ମାଧମରେ ଆମକୁ ଉତ୍ସାହିତ କରିଥିଲେ । ଆମେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ସମସ୍ତ ଗୌରବ ଓ ସମ୍ମାନ ପ୍ରଦାନ କରୁଅଛୁ।

ଏହି ସଂଖ୍ୟାରେ ,ଆମେ ଆମ ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ, ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ବିଷୟରେ କିଛି ସମ୍ବାଦ ଜଣାଇବାକୁ ଚାହୁଁ ଅଛୁ । ଏହା ଚେନ୍ନାଇର ଗୋଟିଏ ଉପାନ୍ତ ଅଞ୍ଚଳରେ କାର୍ଯ୍ୟ କରୁଅଛି ଓ ଏଠାରେ ପ୍ରାୟ ୫୦୦ ଜଣ ଅର୍ଥନୈତିକ ଭାବରେ ଦଳିତ ପିଲା ପାଠ ପଢୁଛନ୍ତି । ବିଗତ ଅନେକ ବର୍ଷ ଧରି ଯେଉଁ ଛାତ୍ରମାନେ ସରକାରୀ ପରୀକ୍ଷା ଦେଉଛନ୍ତି, ସେମାନେ ଅତି ଭଲ ନମ୍ବର ରଖି ସଫଳତାର ସହିତ ଉତ୍ତୀର୍ଣ୍ଣ ହେଉଛନ୍ତି ।

ଏହି ବିଦ୍ୟାଳୟ ୨୨ ବର୍ଷ ପୂର୍ବେ ଆରମ୍ଭ ହୋଇଥିବାରୁ ବିଦ୍ୟାଳୟ ଗୃହର ମରାମତି ଓ ରଂଗ ଦେବା କାର୍ଯ୍ୟର ଆବଶ୍ୟକତା ଅଛି । ଚଟାଣରେ ନୂତନ ଟାଇଲ ଲଗାଇବାକୁ ପଡିବ । ଏଠାରେ ପାଗ ଅତି ଗରମ ଥିବାରୁ ଆମକୁ ଅନ୍ୟ ଉପକରଣ, ଯଥା ପଙ୍ଖା ଇତ୍ୟାଦି ଲଗାଇବାକୁ ପଡିବ। ଆମେ ମଧ ଅଧିକ ସଂଖ୍ୟକ ଅଭିଜ୍ଞ ଶିକ୍ଷକଙ୍କୁ ନିଯୁକ୍ତ ଦେବାକୁ ଯାଉଛୁ। ଉଚ୍ଚ ମାନର ଶିକ୍ଷା ପ୍ରଦାନ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ରହିଛି, ସେଥିପାଇଁ ଆମେ ଅର୍ଥ ସହାୟତା ଆବଶ୍ୟକ କରୁଅଛୁ । ଏହି କାରଣରୁ ଆମେ ଆପଣମାନଙ୍କ ଭଳି ପ୍ରିୟ ଜନମାନଙ୍କଠାରୁ ପ୍ରାର୍ଥନା ଓ ସହାଯ୍ୟ ଆବଶ୍ୟକ କରୁଛୁ ।

ଈଶ୍ୱର ଆମର ନିହିମିୟା ବାଇବଲ କଲେଜ ଗୁଡିକ ଉପରେ ଆଶୀର୍ବାଦ କରୁଛନ୍ତି । ବର୍ତ୍ତମାନ ଆମର ଛାତ୍ର ସଂଖ୍ୟା ୫୦ ଅଟେ । ଆମେ ଅଗଷ୍ଟ ୧୭ ରେ ,ଛାତ୍ର ମାନଙ୍କ ପାଇଁ "ମନୁଷ୍ୟ ଜୀବନରେ ଈଶ୍ୱରଙ୍କ ଆହ୍ୱାନ" ନାମକ ଗୋଟିଏ ଶିକ୍ଷାଧିବେଶନ ଓ ଅଗଷ୍ଟ ୨୪ରେ ଆମର ବାଇବଲ କଲେଜର ସମସ୍ତ ଛାତ୍ର ଓ ଆମ ମଣ୍ଡଳୀ ଗୁଡିକର ନେତାମାନଙ୍କ ପାଇଁ ଗୋଟିଏ ଉଦ୍ଦୀପନା ସଭାର ଆୟୋଜନ କରିଥିଲୁ ।

ଆମର ମଣ୍ଡଳୀ ଗୁଡିକ ଉତ୍ତମ ଫଳ ଉତ୍ପନ୍ନ କରୁଛନ୍ତି । ଆମେ ଅଗଷ୍ଟ ୩ ଓ ୪ ତାରିଖରେ ,ଆମର ମୁଖ୍ୟ ଉପାସନାଳୟଠାରେ ଗୋଟିଏ ଦୁଇ ଦିବସୀୟ ବିଶେଷ ସଭାର ଆୟୋଜନ କରିଥିଲୁ ଓ ଈଶ୍ୱର ଅଂଶଗ୍ରହଣକାରୀ ମାନଙ୍କୁ ଆଶୀର୍ବାଦ କରିଥିଲେ ।

ଆମର ସୁସମାଚାର ଛାପାକଳ ପ୍ରତି ଘଣ୍ଟାରେ ପ୍ରାୟ ଦଶ ହଜାର ପ୍ରତି ଲିପି ଛାପୁଅଛି ଓ ତଦ୍ୱାରା ଆମେ ବିଭିନ୍ନ ଭାଷାରେ ହଜାର ହଜାର ସଂଖ୍ୟକ ସୁସମାଚାର ପତ୍ରିକା ପ୍ରକାଶ କରି ପାରୁଛୁ ଓ ସେଗୁଡିକୁ ମାଗଣାରେ ଆମର ମିଶନ କେନ୍ଦ୍ରଗୁଡିକୁ ପ୍ରେରଣ କରିପାରୁଛୁ ।

ଏହି ସଂପାଦକୀୟକୁ ପାଠ କରିଥିବାରୁ ଆପଣମାନଙ୍କୁ ଧନ୍ୟବାଦ । ଆମେ ସୁନିଶ୍ଚିତ ଯେ ଆମ ସହିତ ଯଥା ସମ୍ଭବ ମାର୍ଗରେ ଯୋଗ ଦେବାପାଇଁ ଈଶ୍ୱର ଅତ୍ୟନ୍ତ ପ୍ରେମ କରୁ ଓ ଆପଣମାନଙ୍କ ନିମନ୍ତେ ପ୍ରାର୍ଥନା କରୁ। ଦୟାକରି ଆମ ପାଇଁ ପ୍ରାର୍ଥନା କରନ୍ତୁ । ଈଶ୍ୱର ଆପଣମାନଙ୍କୁ ପ୍ରଚୁର ଭାବେ ଆଶୀର୍ବାଦ କରନ୍ତୁ ।

ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକ
ଏସ୍.ସାମ୍.ସେଲଭାରାଜ୍

**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.
**MANAGING EDITOR**
Pastor Alex Samson Sam, B.Th., M.Div.
**ADMINISTRATION**
Bro. N. Prakasam, M.A., General Manager
**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.
**ADVISORY BOARD**
Adv. Jose Abraham
Adv. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Aud. K. Puratchivendan, M.Com., B.L.
Bro. Rajeswaran Samuel, B.Com.
**PUBLISHER & PRINTER**
Pastor S. SAM SELVA RAJ
**Echo of His Call Printers**
10, Mohammed Abdullah 2nd Street,
Chepauk, Chennai- 600 005, India.
**Phone :** (+91-44) 2852 8282
2852 9293, 2854 7766
**Email :** sam@echoofhiscall.org
biblecor@yahoo.co.in
**Websites :**
www.echoofhiscall.org
www.echoofhiscall.com

**Our Ministries:** ECHO OF HIS CALL Monthly Magazines (16 languages) · BIBLECOR - Postal Courses (3 languages) · Theological Correspondence Courses (2 languages) · Church Planting · Nehemiah Bible Colleges · Gospel Printing Press · Great Commission Partners · Village English High School · Crusades · 100 Prayer Warriors · Community Development

( ୧ମ ପୃଷ୍ଠାର ଅବଶିଷ୍ଟାଂଶ )

ପ୍ରତ୍ୟେକଙ୍କ ପାଇଁ ସେହି ଆଦେଶ ପ୍ରଦତ୍ତ ହୋଇଅଛି, ଯେପରି ଭାରତର (୩କୋଟୀ) ଖ୍ରୀଷ୍ଟିଆନଙ୍କୁ ପ୍ରଦତ୍ତ ହୋଇଛି । ଯୀଶୁଙ୍କର ମହାନ୍ ଆଦେଶର ବାଧ ହୁଅନ୍ତୁ, ପ୍ରତିଦିନ ୩୦ଜଣ ସହନାଗରିକଙ୍କ ନିକଟକୁ ଯାଆନ୍ତୁ ତେବେ ସମଗ୍ର ଦେଶ ଯୀଶୁଙ୍କୁ ପ୍ରଭ ଓ ତ୍ରାଣକର୍ତ୍ତା ଭାବରେ ଜାଣିବ । ଯେତେବେଳେ ଯୀଶୁ ମହାନ ଆଦେଶ ପ୍ରଦାନ କରିଥିଲେ, ସେତେବେଳେ ସେ କେଉଁ ଅର୍ଥ ସୂଚାଇଥିଲେ, ତାହା ଉପଲବ୍ଧି କରିବା ପାଇଁ ଈଶ୍ୱର ବର୍ତ୍ତମାନ ଆମକୁ ସାହାଯ୍ୟ କରନ୍ତୁ; "ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ" (ମାଥିଉ ୨୮:୧୯)

**୧. ଆଦେଶ କ'ଣ ଅଟେ ?**

(କ) ଅର୍ଥ, (ଖ) ବିଶେଷ ଲକ୍ଷଣ ଓ (ଗ) ପରିସର

**୨. କାହିଁକି ଆଦେଶ ?**

କ) ପୁରାତନ ନିୟମ ଦୃଷ୍ଟିକୋଣ
ଖ) ନୂତନ ନିୟମ ଦୃଷ୍ଟିକୋଣ
ଗ) ସମସାମୟିକ ଦୃଷ୍ଟିକୋଣ
ଘ) ଉପସଂହାର

**୧. ଆଦେଶ କ'ଣ ଅଟେ ?**

(କ) ଅର୍ଥ : - ଆମେ ସମସ୍ତେ ଅତି ଭଲଭାବରେ ଜାଣୁଯେ ସାଧାରଣଭାବରେ ଜଣେ ବରିଷ୍ଠଙ୍କ ଦ୍ୱାରା କନିଷ୍ଠମାନଙ୍କୁ ଦିଆଯାଉଥିବା ଆଜ୍ଞା ଆଦେଶ ଅଟେ । ଆମେ ଏହା ମଧ ଜାଣୁଯେ ଏହା ସାଧାରଣଭାବରେ ପ୍ରତିରକ୍ଷା କିମ୍ବା ସାମରିକ ଭାଷାରେ ବ୍ୟବହୃତ ହୁଏ । ମାତ୍ର ଆଦେଶ ବିଷୟରେ ଅନ୍ୟ ଗୋଟିଏ ସାଧାରଣ ଜ୍ଞାନ ହେଉଛି, ଏହାକୁ ଅବଜ୍ଞା କରାଯାଇ ପାରିବ ନାହିଁ ; ଏହାକୁ ପାଳନ କରିବାକୁ ହେବ ।

ନୂତନ ନିୟମରେ , ଯୀଶୁ ଶିଷ୍ୟମାନଙ୍କୁ ଆଦେଶ ଦେଇଛନ୍ତି (ଗ୍ରୀକ୍‌ରେ "ଏନ୍‌ଟେଲାମିନୋସ୍") । ପ୍ରକୃତରେ ଏହାର ଅର୍ଥ, ନିର୍ଦ୍ଦେଶ ଦେବା । ସେଥିପାଇଁ ଈଶ୍ୱରଙ୍କର ପ୍ରତ୍ୟେକ ସନ୍ତାନ ଗୋଟିଏ ସତ୍ୟକୁ ବୁଝିବା ଏକାନ୍ତ ଆବଶ୍ୟକ । ଯୀଶୁ ତାକୁ ଆଦେଶ ଦେଇଛନ୍ତି ବୋଲି ବିଶ୍ୱାସ କରି ସେ ଆନନ୍ଦିତ ହେବା ଉଚିତ୍ । ସେ ସ୍ପଷ୍ଟଭାବରେ ନିର୍ଦ୍ଦେଶ ଦେଇଛନ୍ତି,

**ଖ) ଗୋଟିଏ ଆଦେଶର ବିଶେଷ ଲକ୍ଷଣ-**

**୧. ବାଧ୍ୟତା ମୂଳକ କର୍ତ୍ତବ୍ୟ :** ସାଧାରଣ ଭାବରେ ଜଣେ ବରିଷ୍ଠ(ଉପରିସ୍ଥ) ଦ୍ୱାରା କନିଷ୍ଠ(ନିମ୍ନସ୍ଥ) ପ୍ରତି ଆଦେଶ ପ୍ରଦାନ କରାଯାଏ । ଆଦେଶ ବାର୍ତ୍ତାଳପ, ଅନୁରୋଧ ଓ ନିବେଦନ ଠାରୁ ଭିନ୍ନ ଅଟେ । ଆଦେଶକୁ ନିଶ୍ଚୟ ସଂପନ୍ନ କରାଯାଏ । ଏହା ସାଧିତ ହେବା ଉଚିତ୍ ଅଟେ ।

**୨. ସମୟ କୈନ୍ଦ୍ରିକ ଅଟେ :** ଆଦେଶ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଉଦ୍ଦିଷ୍ଟ । ଯଦି ଗୋଟିଏ ପ୍ରଦତ୍ତ କାର୍ଯ୍ୟକୁ ନିରୂପିତ ସମୟ ମଧରେ କରାଯାଏ ନାହିଁ, ତେବେ ଏହା ଏହାର ମୂଲ୍ୟ ହରେଇ ଦିଏ । ଉଦାହରଣ ସ୍ୱରୂପ, ଯଦି ଗୋଟିଏ ସାମରିକ ଆକ୍ରମଣ ଆଦେଶକୁ ଗୋଟିଏ ନିରୂପିତ ସମୟରେ ପାଳନ କରାଯିବ ନାହିଁ, ତେବେ ଶତ୍ରୁ ବିରୋଧୀକୁ ଆକ୍ରମଣ କରି ଧ୍ୱଂସ କରିଦେବ । ସେଥିପାଇଁ ଆଦେଶକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ପାଳନ କରିବାକୁ ହୁଏ ।

**୩. କାର୍ଯ୍ୟ କୈନ୍ଦ୍ରିକ ଅଟେ :** ସମୟ ଓ ଲୋକମାନଙ୍କ ସଂପୃକ୍ତି ବ୍ୟତୀତ ଏଥିରେ ସାଧନ କରିବାପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ମଧ ଥାଏ । ପ୍ରତ୍ୟେକ ଖ୍ରୀଷ୍ଟିଆନ ଜୀବନର ଲକ୍ଷ୍ୟ କେବଳ ବଞ୍ଚିବା ନୁହେଁ । ମାତ୍ର ଆମେ ସୁସମାଚାର ପ୍ରଚାର କାର୍ଯ୍ୟକୁ ସାଧନ କରିବା ପାଇଁ ନିଜ ନିଜକୁ ଗତିଶୀଳ କରିବା ଆବଶ୍ୟକ ଅଟେ । ଯେଉଁ କାର୍ଯ୍ୟ ପାଇଁ ଯୀଶୁଙ୍କ ଆଦେଶ ଗୁରୁତ୍ୱ ଦିଏ, ତା ହେଉଛି; ସୁସମାଚାର ପ୍ରଚାର ଓ ବିଶ୍ୱାସୀମାନଙ୍କୁ ବାପ୍ତିସ୍ମ ଦେବାର କାର୍ଯ୍ୟ ।

**ଗ) ଆଦେଶର ପରିସର :** ଆଦେଶ ଗୁଡିକୁ ପ୍ରାୟତଃ, ଗୋଟିଏ ସୀମା ପ୍ରତି ନ୍ୟାୟ ସଂଗତ ଅଟେ । ପ୍ରତିରକ୍ଷା ବ୍ୟବସ୍ଥାରେ , ଅନେକ ଆଦେଶ ଥାଏ ଜଣେ ନିର୍ଦ୍ଦିଷ୍ଟ ସେନାପତି ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ କାର୍ଯ୍ୟ କରିବା ପାଇଁ କେବଳ ଦଳେ ସୈନିକଙ୍କୁ ଆଦେଶ ଦେଇ ପାରନ୍ତି ।

ମାତ୍ର ଆମର ପ୍ରଭୁ ଯୀଶୁଖ୍ରୀଷ୍ଟ ଆମକୁ ଯେଉଁ ଆଦେଶ ଦେଇଥିଲେ, ସେଥିରେ ସମଗ୍ର ପୃଥିବୀ ଉପରେ କାର୍ଯ୍ୟ କରିବାର ଶକ୍ତି ରହିଅଛି । ଏଥିରେ ଉଚ୍ଚ ସ୍ଥାନରେ ଥିବା ଦୁଷ୍ଟ ଶକ୍ତିମାନଙ୍କ ଉପରେ ଓ ନୀଚସ୍ଥ ପାତାଳରେ ଥିବା ମନ୍ଦାତ୍ମାଗୁଡିକ ଉପରେ ମଧ କ୍ଷମତା ଅଛି । ଯୀଶୁ କହିଥିଲେ, "ଗଜତର ସମସ୍ତ ଜାତିର ଲୋକଙ୍କ ନିକଟକୁ ଯାଅ ।" ଯୀଶୁଙ୍କ ଆଦେଶ ଅଞ୍ଚଳ, ଭାଷା, ସଂସ୍କୃତି, ଜାତି,ବର୍ଣ୍ଣ, ସଂପ୍ରଦାୟ ଓ ଧର୍ମର ଉର୍ଦ୍ଧ୍ୱରେ ରହିଛି । କୌଣସି ଖ୍ରୀଷ୍ଟିଆନ ଏହି ଆଦେଶରୁ ମୁକ୍ତ ନୁହେଁ । ଖ୍ରୀଷ୍ଟଙ୍କର ସମସ୍ତ ଲୋକଙ୍କୁ ଏହି ମହାନ୍ ଆଦେଶରେ ନିଜ ନିଜକୁ ଅନ୍ତର୍ଭୁକ୍ତ କରିବାକୁ ହେବ ।

ଭାରତ ଶସ୍ୟ ଅମଳ ନିମନ୍ତେ ସଂପୂର୍ଣ୍ଣ ଭାବରେ ପରିପକ୍ୱ ସର୍ବୋତ୍ତମ କ୍ଷେତ୍ର ଅଟେ । ଏହା ଏପରି ଏକ ବୃହତ୍ ଦେଶ ଯେଉଁଠାରେ ବାସ କରୁଥିବା ବହୁ ସଂଖ୍ୟକ ଲୋକଙ୍କୁ ଶିଷ୍ୟ କରାଯାଇପାରିବ । ପୃଥିବୀର ସୁସମାଚାର ପାଇନଥିବା ୮୦% ଲୋକ ଏଠାରେ ଅଛନ୍ତି । ସେଥିପାଇଁ ମହାନ୍ ଆଦେଶର ଆହ୍ୱାନ ପାଇଥିବା ଈଶ୍ୱରଙ୍କର ପ୍ରତ୍ୟେକ ସନ୍ତାନ ସୁସମାଚାର ପ୍ରଚାରର ସମୟକୁ ବ୍ୟବହାର କରିବା ଆବଶ୍ୟକ ।

**ପୁରାତନ ନିୟମରେ ଆଦେଶ -** ପୁରାତନ ନିୟମରେ ଈଶ୍ୱରଙ୍କ ସେବକ ମୋଶାଙ୍କ ମାଧମରେ ଇସ୍ରାଏଲ ସନ୍ତାନମାନଙ୍କୁ ଆଦେଶ ଦିଆଯାଇଥିଲା । ଏହାକୁ ଦଶ ଆଜ୍ଞା ବୋଲି କୁହାଯାଏ । ଏହାକୁ ମଧ ସକାରାତ୍ମକ ଓ ନକାରାତ୍ମକ ବ୍ୟବସ୍ଥା ଭାବରେ ବିଭକ୍ତ କରାଯାଇଛି । ଆଜ୍ଞା ପାଳନ ଓ ଆଜ୍ଞା ପ୍ରତି ଅବଜ୍ଞା ହୁଏତ ଆଶୀର୍ବାଦକୁ କିମ୍ବା ଅଭିଶାପକୁ ଆମନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଯାତ୍ରା ପୁସ୍ତକ ୨୦ ଅଧାୟର ୩ ପଦରୁ ୧୭ ପଦ ମଧରେ ଦଶ ଆଜ୍ଞା ବର୍ଣ୍ଣିତ ଅଛି । ଈଶ୍ୱର ପୁଣିଥରେ ଏହି ବିଷୟ ଉପରେ ଗୁରୁତ୍ୱ ଦେଇ କହିଛନ୍ତି , "ଏହେତୁ ତୁମ୍ଭେମାନେ ଆମ୍ଭର ପ୍ରତି ଯୋଗୀ ଅନ୍ୟ ଦେବତାଗଣ ନିର୍ମାଣ କରିବ ନାହିଁ; ଆପଣା ମାନଙ୍କ ନିମନ୍ତେ ରୌପ୍ୟମୟ ଦେବତା ଓ ସ୍ୱର୍ଣ୍ଣମୟ ଦେବତା ନିର୍ମାଣ କରିବ ନାହିଁ । ତୁମ୍ଭେ ଆମ୍ଭ ନିମନ୍ତେ ଏକ ମୃତ୍ତିକାର ବେଦି ନିର୍ମାଣ କରିବ, ପୁଣି ତହିଁ ଉପରେ ତୁମ୍ଭର ମେଷ ଗବାଦି ହୋମବଳି ଓ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କରିବ; ଆମ୍ଭେ ଯେଉଁ ପ୍ରତ୍ୟେକ ସ୍ଥାନରେ ଆପଣା ନାମ ସ୍ମରଣ କରାଇବା, ସେହି ପ୍ରତ୍ୟେକ ସ୍ଥାନରେ ଆମ୍ଭେ ତୁମ୍ଭ ନିକଟକୁ ଆସି ତୁମ୍ଭକୁ ଆଶୀର୍ବାଦ କରିବା" (ଯାତ୍ରା ୨୦:୨୩,୨୪) ।

ସେଥିପାଇଁ ହିବ୍ରୁରେ "ତୋରା" ବୋଲି କୁହାଯଉଥିବା ପୁରାତନ ନିୟମର ଉଦ୍ଦେଶ୍ୟ ହଉଛି, ଏକେଶ୍ୱର ବାଦର ପ୍ରତିଷ୍ଠା କରିବା ଅର୍ଥାତ୍ ସମଗ୍ର ପୃଥିବୀ ଓ ମନୁଷ୍ୟ ଜାତିର ସୃଷ୍ଟିକର୍ତ୍ତା ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କୁ ପୂଜା କରିବା । ନୈତିକତା ଓ ସୁବିବେକର ବିଫଳତା ଯୋଗୁଁ ମନୁଷ୍ୟଜାତିକୁ ଆଦେଶ ପ୍ରଦତ୍ତ ହୋଇଥିଲା । ବିବେକକୁ ଓ ଏକ ଯଥାର୍ଥ ଉପାସନାକୁ ପୁନଃସ୍ଥାପନ କରିବା ନିମନ୍ତେ ଈଶ୍ୱର ବ୍ୟବସ୍ଥା ପ୍ରଦାନ କରିଥିଲେ ଓ ଆଦେଶ ପାଳନ କରିବା ପାଇଁ କହିଥିଲେ । ଆଦେଶକୁ ପାଳନ କରାଗଲେ ଏହା ଆଶୀର୍ବାଦ ଆଣେ । ମାତ୍ର ଆଜ୍ଞା ଉଲ୍ଲଙ୍ଘନ କ୍ଲେଶକୁ ନିମନ୍ତ୍ରଣ କରେ । ସେଥିପାଇଁ ଆମେ ଏକ ନୂତନ ଦୃଷ୍ଟିକୋଣ ସହିତ ଆଜ୍ଞାଗୁଡିକ ପ୍ରତି ଦୃଷ୍ଟିପାତ କରିବା ଆବଶ୍ୟକ । ଆଦେଶର ପରିସର ଏହାର ବ୍ୟବହାର କିମ୍ବା ଅପବ୍ୟବହାରର ମାର୍ଗ ଉପରେ ନିର୍ଭର କରେ ।

ଏହା ସତ୍ତ୍ୱେ, ପୁରାତନ ନିୟମ ବ୍ୟବସ୍ଥା ବିଷୟରେ ପାଉଲ କହିଛନ୍ତି, "ବ୍ୟବସ୍ଥାର କ୍ରିୟା କର୍ମ ଦ୍ୱାରା କୌଣସି ପ୍ରାଣୀ ତାହାଙ୍କ ଛାମୁରେ ଧାର୍ମିକ

ଗଣିତ ହେବ ନାହିଁ, ଯେହେତୁ ବ୍ୟବସ୍ଥା ଦ୍ୱାରା ପାପର ଜ୍ଞାନ ଜନ୍ମେ" (ରୋମୀୟ ୩:୨୦)।

## ନୂତନ ନିୟମରେ ଆଦେଶ

ନୂତନ ନିୟମର ଆଦେଶ ପୁରାତନ ନିୟମର ଆଦେଶ ଠାରୁ ସଂପୂର୍ଣ୍ଣଭାବରେ ଭିନ୍ନ ଅଟେ । ଏହା ପୁରାତନ ନିୟମର ଆଦେଶ ଗୁଡିକର ବିରୋଧୀ ନୁହେଁ, ମାତ୍ର ପରିପୂରକ ଅଟେ । ଯୀଶୁ କହିଥିଲେ, "ମୁଁ ବ୍ୟବସ୍ଥାକୁ ଲୋପ କରିବାକୁ ନୁହେଁ, ମାତ୍ର ସଫଳ କରିବାକୁ ଆସିଅଛି ।" ତାହାର ଅର୍ଥ, ସେପର୍ଯ୍ୟନ୍ତ ବ୍ୟବସ୍ଥାର ଉଦ୍ଦେଶ୍ୟ, ସମ୍ଭବତଃ ସଫଳ ହୋଇ ନଥିଲା । ଯୀଶୁଙ୍କ ଆଗମନ ଅନୁଗ୍ରହକୁ ବ୍ୟବସ୍ଥା ସ୍ଥାନରେ ରଖିଥିଲା । ନୂତନ ନିୟମର ସମୟ ଯାହା ଅନୁଗ୍ରହର ସମୟ ଅଟେ, ତାହା ଏକ ଭିନ୍ନ ଜୀବନାଦର୍ଶ ଆଶାକରେ । ପୁରାତନ ନିୟମ ଆଦେଶଗୁଡିକୁ ବାଧ୍ୟତା ଓ ଭୟ ଯୋଗୁଁ ପାଳନ କରାଯାଉଥିଲା । ମାତ୍ର ନୂତନ ନିୟମରେ ଏହା ସ୍ୱେଚ୍ଛାମୂଳକ ଓ ପ୍ରେମ ଉପରେ ଆଧାରିତ ହେବା ଆବଶ୍ୟକ ଅଟେ ।

ଆଜି ଖ୍ରୀଷ୍ଟିଆନମାନେ ବହୁଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯେତେବେଳେ ସେମାନେ ପରୀକ୍ଷା ଓ ପ୍ରଲୋଭନର ସମ୍ମୁଖୀନ ହୁଅନ୍ତି, ସେତେବେଳେ ସେମାନେ ସଂଗେ ସଂଗେ ଇଚ୍ଛାଶକ୍ତି ହରାଇ ଦିଅନ୍ତି । ଅତି ଶୀଘ୍ର ସେମାନେ ଈଶ୍ୱରଙ୍କ ପ୍ରତିଜ୍ଞାଭୁଲି ଯାଆନ୍ତି । ବାଇବଲରେ ଲେଖାଯାଏ, "କାରଣଯେ ଆମ୍ଭମାନଙ୍କ ଦୁର୍ବଳତାରେ ଆମ୍ଭମାନଙ୍କ ପ୍ରତି ସହାନୁଭତି ଦେଖାଇବାକୁ ଅସମର୍ଥ, ଆମ୍ଭମାନଙ୍କର ଏପରି ମହାଯାଜକ ନାହାନ୍ତି, ବରଂ ସେ ପାପ ରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ ପରୀକ୍ଷିତ ହେଲେ" (ଏବ୍ରୀ ୪:୧୫)।

ବିପଦ ସମୟରେ ରାଜା ଦାଉଦ କହିଛନ୍ତି, "ସଦାପ୍ରଭୁ ମୋହର ଦୀପ୍ତି ଓ ମୋହର ପରିତ୍ରାଣ ; ମୁଁ କାହାକୁ ଭୟ କରିବି ? ସଦାପ୍ରଭୁ ମୋ ଜୀବନର ବଳ; ମୁଁ କାହାଠାରୁ ଭୀତ ହେବି ? (ଗୀତ ୨୭:୧)। ଈଶ୍ୱରଙ୍କ ପ୍ରତିଜ୍ଞା ବିଷୟରେ ଭୁଲି ଯିବାର ଏକମାତ୍ର ପ୍ରତିକାର ହେଉଛି ମନେରଖିବାର ବିଷୟ ଗୁଡିକୁ ବୃଦ୍ଧି କରିବା । ସ୍ୱଭାବତଃ, ଲୋକମାନେ ସେହିସବୁ ବିଷୟ ଓ ଘଟଣାଗୁଡିକ ମନେ ରଖନ୍ତି, ଯେଉଁ ଗୁଡିକୁ ସେମାନେ ପ୍ରେମ କରନ୍ତି । ସେଥିପାଇଁ ଆମେ ଏହା ବୁଝିବା ଆବଶ୍ୟକଯେ ଯଦି ଆମକୁ ଈଶ୍ୱରଙ୍କୁ ଓ ତାଙ୍କର ପ୍ରତିଜ୍ଞା ଗୁଡିକ ମନେ ରଖିବାକୁ ହେବ, ତେବେ ଏଥିପାଇଁ ଏକମାତ୍ର ମାର୍ଗ ହେଉଛି, ତାଙ୍କୁ ପ୍ରେମ କରିବା ।

ଯୀଶୁ ଆଦେଶ ସମ୍ବନ୍ଧୀୟ ଗୋଟିଏ ପ୍ରଶ୍ନର ଉତ୍ତରରେ କହିଥିଲେ; "ପ୍ରଦାନ ଆଜ୍ଞା ଏହି, ହେ ଇସ୍ରାଏଲ, ଶୁଣ; ପ୍ରଭୁ ଆମ୍ଭମାନଙ୍କର ଈଶ୍ୱର ଏକମାତ୍ର ପ୍ରଭୁ ଅଟନ୍ତି ; ଆଉ ତୁମ୍ଭେ ଆପଣା ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ, ସମସ୍ତ ମନ ଓ ସମସ୍ତ ଶକ୍ତି ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର" (ମାର୍କ ୧୨:୨୯,୩୦)।

ଯୀଶୁ ଯେପରି ଭାବରେ ଉଭୟ ନିୟମ ଓ ମୂଲ୍ୟରେ ପ୍ରଥମ ଆଜ୍ଞା ବିଷୟରେ କହିଥିଲେ, ତାହାଏହି ବାର୍ତ୍ତାର ପ୍ରତ୍ୟେକ ପାଠକ ଲକ୍ଷ୍ୟ କରିଥିବେ । ପ୍ରଥମ ଭାଗଟି କହେ, ଆପଣଙ୍କୁ ଆପଣଙ୍କର ସଦାପ୍ରଭୁ ପରମେଶ୍ୱରଙ୍କୁ ପ୍ରେମ କରିବାକୁ ହେବ; ଏହା ନିୟମ ହେବା ଉଚିତ୍, ମାତ୍ର ପ୍ରେମ ମୂଲ୍ୟ ଅଟେ । ସେ କହିଛନ୍ତି ନିୟମର ମୂଲ୍ୟ ସଦାପ୍ରଭୁଙ୍କୁ ସମସ୍ତ (କ) ଶକ୍ତି (ଖ)ମନ (ଗ) ପ୍ରାଣ ଓ (ଘ)ଅନ୍ତଃ କରଣ ସହିତ ପ୍ରେମ କରିବାରେ ରହିଅଛି ।

ଆଜ୍ଞା ପାଳନ ଯୋଗୁଁ ଉଭୟ ଶାରୀରୀକ ଓ ଆତ୍ମିକ ଆଶୀର୍ବାଦ ଗୁଡିକ ସ୍ୱତଃ ସ୍ଫୁର୍ତ୍ତଭାବରେ ଆସିଥାଏ । ପାର୍ଥିବ ଆବଶ୍ୟକତା ଗୁଡିକୁ ଉଲ୍ଲେଖ କରି ଯଶୁ କହିଥିଲେ, "ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ ତୁମ୍ଭମାନଙ୍କୁ ଦିଆଯିବ" (ମାଥିଉ୬:୩୩)।

## ଖ୍ରୀଷ୍ଟଙ୍କ ଆଦେଶର ସମସାମୟିକ ଦୃଷ୍ଟି କୋଣ

ଯୀଶୁ କହିଥିଲେ, "ଯାଅ ଓ ସୁସମାଚାର ପ୍ରଚାର କର"। ଏହା ଏପରି ଏକ ଆଦେଶ ଯେଉଁଥିରେ ସମସ୍ତ ଖ୍ରୀଷ୍ଟିଆନଙ୍କ ପ୍ରତି ଏକ ସାର୍ବଜନୀନ ପ୍ରୟୋଗ ରହିଛି। ସେଥିପାଇଁ ସୁଧା ପାଉଲ କହିଥିଲେ, "....ମୁଁ ସୁସମାଚାର ପ୍ରଚାର କଲେ..... ଯଦି ମୁଁ ସୁସମାଚାର ପ୍ରଚାର ନ କରେ , ତେବେ ହାୟ ମୁଁ ଦଣ୍ଡର ପାତ୍ର" (୧ କରିନ୍ଥୀୟ ୯:୧୬)

ଆଜିର ଜଗତରେ ସୁସମାଚାର ପ୍ରଚାର ଏହାର ପ୍ରାସଙ୍ଗିକତା ଅଧିକ ସ୍ଥାୟୀ କରି ଦେଇଛି। ଆମେ ଯେଉଁ ସ୍ଥାନକୁ ଯାଉ, ସେଠାରେ ଲୋକମାନଙ୍କୁ ହତାଶ, ନିରୁତ୍ସାହିତ, ପ୍ରତାରିତ, ଆଘାତପ୍ରାପ୍ତ, ପାପଦ୍ୱାର ବନ୍ଧନଗ୍ରସ୍ତ, ଶାନ୍ତିବିହୀନ, ଦର୍ଶନ ଓ ଦିଗ ବିହୀନ ଅବସ୍ଥାରେ ଦେଖୁ । ଜଗତ ସୁସମ୍ବାଦ ଅନ୍ୱେଷଣ କରୁଅଛି ।

ମୋର ଏପରି ଗୋଟିଏ ଘଟଣା ମନେଅଛିଯାହା ମୁଁ ମୋର ବାଲ୍ୟାବସ୍ଥାରେ ଦେଖିଥିଲି । ଦିନେ ମୁଁ ବିଦ୍ୟାଳୟରୁ ଫେରୁଥିବା ସମୟରେ, ଗୋଟିଏ କାଉକୁ କିଛି ଖାଦ୍ୟ ଉପରେ ବସି ତାହା ଖାଉଥିବାର ଦେଖିଲି । ମାତ୍ର କିଛି ସମୟ ପରେ ସେ ଯାହା ଖାଉଥିଲା, ସେଥିରୁ ଅନ୍ୟ କାଉମାନଙ୍କୁ କିଛି ଭାଗ ଦେବା ଚେଷ୍ଟାରେ ଉଚ୍ଚ ସ୍ୱରରେ ରାବିବା ଆରମ୍ଭ କଲା । ମୁଁ ଗୋଟିଏ ସତ୍ୟ ଆବିଷ୍କାର କରିଥିଲି - ସେ ନିଜର ସାଥୀ କାଉଗୁଡିକୁ କେତେ ପ୍ରେମ କରୁଥିଲା । ଆମେ ଏହି ପ୍ରେମ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

## ସମାଚାର

### ଖ୍ରୀଷ୍ଟିଆନ ବିଦ୍ୟାଳୟରେ ଅଗ୍ନିସଂଯୋଗ

**ମଣିପୁର**

ମଣିପୁରର କାକ୍‌ଚିଙ୍ଗ ଜିଲ୍ଲାର ଗୋଟିଏ ଖ୍ରୀଷ୍ଟିଆନ ବିଦ୍ୟାଳୟର କର୍ତ୍ତୃପକ୍ଷ ୬ଜଣ ଛାତ୍ରଙ୍କୁ ବିଶୃଙ୍ଖଳା ପାଇଁ ବହିଷ୍କାର କରିବାର କିଛି ଦିନ ପରେ , ଏପ୍ରିଲ ୨୫ ତାରିଖରେ ବିଦ୍ୟାଳୟକୁ ଅଗ୍ନିରେ ଦଗ୍ଧ କରିଦିଆଯାଇଛି । ଏଥିରେ ଏହି ସେଣ୍ଟ ଯୋଷେଫ ଉଚ୍ଚ ମାଧମିକ ସ୍କୁଲର ପ୍ରାୟ ୩୫ ଲକ୍ଷଟଙ୍କାର ସଂପତ୍ତି ନଷ୍ଟ ହୋଇଯାଇଛି । ବହିଷ୍କୃତ ଛାତ୍ରମାନେ ଗୋଟିଏ ସ୍ଥାନୀୟ ଛାତ୍ର ସଂଗଠନ ସହିତ ମିଶି ଏହି ଅପରାଧ ଘଟାଇଛନ୍ତି ବୋଲି ସ୍କୁଲର ଅଧକ୍ଷ ଅଭିଯୋଗ କରିଛନ୍ତି । ସେହି ସ୍କୁଲରେ ପ୍ରାୟ ୧୪୦୦ ଛାତ୍ର ଅଧୟନ କରୁଛନ୍ତି । *-Forerunner (June 2019)*

**The details of our Bank Accounts are given below. Please inform us the details of your remittances.**

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 102329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨),ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତିମଥି ୧:୬)

## ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୧୯ ସେପ୍ଟେମ୍ବର ୧୯ ରୁ ୨୦୧୯ ଅକ୍ଟୋବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ )

### ଈଶ୍ୱର କାର୍ଯ୍ୟରତ ଅଛନ୍ତି ।

### ପ୍ରଶଂସାର ବିଷୟ !

ସେପ୍ଟେମ୍ବର - ୧୯ - "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"ର ସମସ୍ତ ସଦସ୍ୟ ଦଳଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର - ୨୦ - "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"କୁ ଅର୍ଥ ସହାୟତା ଯୋଗାଉଥିବା ଲୋକମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର - ୨୧ - ଆମର ମୁଖ୍ୟ ଉପାସନାଳୟରେ ପ୍ରତିରବିବାର ସକାଳ ୫.୦୦ରୁ ସଂଧ୍ୟା ୮.୦୦ ପର୍ଯ୍ୟନ୍ତ ଅନୁଷ୍ଠି ହେଉଥିବା ୫ଟି ଭାଷାରେ ୭ଟି ଉପାସନା ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର - ୨୨ - ଆମର ଭେଲାଚେରୀ ମଣ୍ଡଳୀରେ ପ୍ରତି ରବିବାର ଅନୁଷ୍ଠିତ ହେଉଥିବା ୨ଟି ଭାଷାର ଉପାସନା ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର - ୨୩ - ଆମ ଛାପାକଳରେ ମୁଦ୍ରିତ ହେଉଥିବା ଓ ମିଶନ କ୍ଷେତ୍ର ଗୁଡିକୁ ପ୍ରେରିତ ହେଉଥିବା ୧୬ଟି ଭାଷାର ସୁସମାଚାର ପତ୍ରିକା ଉପରେ ଆଶୀର୍ବାଦ ପାଇଁ ତାଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର - ୨୪ - ଆମର ମୁଖ୍ୟ ପାସନାଳୟଠାରେ ଓ ଏହାର ଚତୁପାର୍ଶ୍ୱରେ ଚାଲିଥିବା ଆମର ଶିଶୁସେବା କାର୍ଯ୍ୟ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର - ୨୫ - ଅପହଞ୍ଚ ଅଞ୍ଚଳରେ ସୁସମାଚର ପହଞ୍ଚାଇବାରେ ଆମକୁ ସାହାଯ୍ୟ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର - ୨୬ - ଆମ ମୁଖ୍ୟ ଉପାସନାଳୟର ପ୍ରାଚୀନମାନଙ୍କର ସମିତି ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର - ୨୭ - ଆମ ମୁଖ୍ୟ ଉପାସନାଳୟରେ ଆମର ପୁରୁଷ ଓ ମହିଳାମାନଙ୍କର ସେବାକାର୍ଯ୍ୟକୁ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର - ୨୮ - ନିହିମିୟା ବାଇବଲ କଲେଜରେ ଆମକୁ ଅତି ଅଭିଜ୍ଞ ଅଧ୍ୟାପକ ଯୋଗାଇଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର - ୨୯ - ଆମର ସମସ୍ତ କ୍ଷେତ୍ରୀୟ କାର୍ଯ୍ୟକାରୀ ମାନଙ୍କର ସୁରକ୍ଷା ଓ ସେମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ସେପ୍ଟେମ୍ବର - ୩୦ - ଆମର ପ୍ରାର୍ଥନା ସାଥୀ, ବିଶ୍ୱାସ ସାଥୀ ଓ ମହା ଆଦେଶ ସାଥୀଗଣ, ଦାନ ଦେଉଥିବା ବ୍ୟକ୍ତି ଓ ସେମାନଙ୍କର ପରିବାର ସଦସ୍ୟ ମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଅକ୍ଟୋବର - ୦୧ - ଗତ ମାସ"ଆହ୍ୱାନର ପ୍ରତିଧ୍ୱନି" ସେବାକାର୍ଯ୍ୟର ପ୍ରତ୍ୟେକ କାର୍ଯ୍ୟ ଉପରେ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଅକ୍ଟୋବର - ୦୨ - ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ପ୍ରକାର ଅନ୍ଧକାର ଶକ୍ତିରୁ ସୁରକ୍ଷା ଦେଉଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଅକ୍ଟୋବର - ୦୩ - ଆମ ମଣ୍ଡଳୀର ପାଳକମାନଙ୍କୁ ଓ ସେମାନଙ୍କର ସମର୍ପିତ କାର୍ଯ୍ୟକୁ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

### ପ୍ରାର୍ଥନାର ବିଷୟ

ଅକ୍ଟୋବର - ୦୪ - ଆମ ନିହିମିୟା ବାଇବଲ କଲେଜର ସମସ୍ତ ଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ୍ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୦୫ - ଏହି ମାସ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"ର ସମସ୍ତ ଅର୍ଥ ଆବଶ୍ୟକତାର ପୂରଣ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୦୬ - "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ" ଅଧିକ ସଂପ୍ରସାରଣ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୦୭ - ଆମର ସୁସମାଚାର ଛାପାକଳ କାର୍ମଚାରୀମାନଙ୍କର ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୦୮ - ନିହିମିୟା ବେସିକ୍ ବାଇବଲ କରେସପଣ୍ଡେସ୍ ପାଠ୍ୟକ୍ରମ ଓ ଉନ୍ନତ ଥିଓଲୋଜିକାଲ କରେସପଣ୍ଡେସ୍ ପାଠକ୍ରମ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୦୯ - ଆମର ଯେଉଁ ବନ୍ଧୁ ଓ ଶୁଭେଚ୍ଛୁମାନେ "ଆହ୍ୱନର ପ୍ରତିଧ୍ୱନି ସେବାକାର୍ଯ୍ୟ" ପାଇଁ ପ୍ରାର୍ଥନା ଓ ସହାୟତା କରୁଛନ୍ତି, ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୧୦ - ଅପହଞ୍ଚ ଅଞ୍ଚଳରେ ସୁସମାଚର ପ୍ରଚାର କରିବା ପାଇଁ ବରିଷ୍ଠ ପାଳକ ଏସ୍. ସାମ୍.ସେଲଭାରାଜ୍ ଙ୍କର ରହିଥିବା ଦର୍ଶନ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୧୧ - ଆମର ମୁଖ୍ୟ ଉପାସନାଳୟ ଓ ଶାଖାମଣ୍ଡଳୀ ଗୁଡିକରେ ଥିବା ବିଶ୍ୱସୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୧୨ - ପୃଥିବୀର ସମସ୍ତ ରାଷ୍ଟ୍ରପତି ଓ ପ୍ରଧାନ ମନ୍ତ୍ରୀ ମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୧୩ - ମଣ୍ଡଳୀଗୁଡିକ ମଧ୍ୟରେ ଏକତା ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୧୪ - ପୃଥିବୀର ଛୋଟ ପିଲାମାନଙ୍କର ସୁରକ୍ଷା ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୧୫ - ସମସ୍ତ ଉତ୍ତର ଭାରତୀୟ ମିଶନାରୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୧୬ - ପୃଥିବୀର ସମସ୍ତ ରାଜନେତାମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୧୭ - ପଞ୍ଜାବ ରାଜ୍ୟର ଲୋକମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର - ୧୮ - "ଆହ୍ୱାନର ପ୍ରତିଧ୍ୱନି" ନିମନ୍ତେ ଅଧିକ ସମର୍ପିତ କର୍ମଚାରୀ ଯୋଗାଇବା ପାଇଁ ପ୍ରାର୍ଥନା କରନ୍ତୁ ।

*( ୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ )*

ଯୀଶୁ କହିଛନ୍ତି ଯେ ପ୍ରେମ ପ୍ରାଥମିକ ଆଦେଶ; ଦ୍ୱିତୀୟରେ ସେ କହିଛନ୍ତି, "ତୁମ୍ଭେ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର । ଏହି ଆଜ୍ଞାଗୁଡିକ ଅପେକ୍ଷା ଆଉ କୌଣସି ଶ୍ରେଷ୍ଠତର ଆଜ୍ଞା ନାହିଁ" (ମାର୍କ ୧୨:୩୧)। ଯୀଶୁ ହୁଏତ ଏହା କହିବାକୁ ଚାହିଁଛନ୍ତି ଯେ ଯଦି ଆମେ ଈଶ୍ୱରଙ୍କୁ ସଂପୂର୍ଣ୍ଣ ପରିମାଣରେ ପ୍ରେମ କରିବା, ତେବେ ଏଥିରେ ଆପେ ଆପେ ଆମ ପ୍ରତିବେଶୀମାନଙ୍କ ପ୍ରତି ଆମର ପ୍ରେମ ପ୍ରଦର୍ଶିତ ହେବ । ପ୍ରତିବାସୀମାନଙ୍କୁ ପ୍ରେମ ନ କରି ଆମେ ଈଶ୍ୱରଙ୍କୁ ପ୍ରେମ କରୁଛୁ ବୋଲି କହିପାରିବା ନାହିଁ । କାରଣ ଯୀଶୁ କପଟୀମାନଙ୍କୁ ଏହା ପଚାରି ସତର୍କ କରି ଦେଇଛନ୍ତି, "ତୁମ୍ଭେମାନେ ତୁମ୍ଭମାନଙ୍କର ଯେଉଁ ଭାଇକୁ ଦେଖୁଅଛ, ତାକୁ ଯଦି ପ୍ରେମ କରୁନାହଁ, ତେବେ ଯେଉଁ ଈଶ୍ୱରଙ୍କୁ ତୁମ୍ଭେମାନେ ଦେଖିପାରୁନାହଁ, ତାହାକୁ କିପରି ପ୍ରେମ କରିପାରିବ ?" ଈଶ୍ୱରଙ୍କ ପ୍ରେମ ଆମ ହୃଦୟ ଓ ମନ ଉପରେ କର୍ତ୍ତୃତ୍ୱ କରୁ । ସେହି କାଉ ଭଳି, ଆମେ ମଧ୍ୟ ଆମ ପ୍ରେମ ଦ୍ୱାରା ପ୍ରଭୁଙ୍କ ଜ୍ଞାନରେ ସେବା କରିବା ପାଇଁ ଲୋକମାନଙ୍କୁ ଡାକି ପାରିବା ।

**ଉପସଂହାର -** ଏହି ଜଗତର ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ଏହି ଆଶୀର୍ବାଦଯୁକ୍ତ ସୁସମାଚାର କାର୍ଯ୍ୟ ପାଇଁ ଆମକୁ ଆଦେଶ ଦେଇଛନ୍ତି। ୪୦୦ କୋଟୀରୁ ଊର୍ଦ୍ଧ୍ୱଲୋକ ଯୀଶୁଙ୍କୁ ଆବଶ୍ୟକ କରୁଛନ୍ତି ବୋଲି ସ୍ମରଣ କରି ଆମର ହୃଦୟ ବିଗଳିତ ହେବା ଆବଶ୍ୟକ । କେବଳ ଭାରତରେ ୯୪ କୋଟୀ ଲୋକ ଏପର୍ଯ୍ୟନ୍ତ ପ୍ରଭୁଙ୍କୁ ଜାଣିନାହାନ୍ତି । ଯାଆନ୍ତୁ ଓ ପ୍ରଚାର କରନ୍ତୁ । ଆପଣ କଣ ସୁସମାଚାର ପ୍ରଚାର କରି ପାରୁନାହାନ୍ତି ? ପ୍ରଭୁ ଆପଣଙ୍କ ବନ୍ଧୁ, ଭଉଣୀ, ଭାଇ, ପିତାମାତା, ସହକର୍ମୀ, ଇତ୍ୟାଦିଙ୍କ ଜୀବନରେ କଣ କରିଛନ୍ତି, ତାହା ସ୍ମରଣ କରନ୍ତୁ । ସେ ଆପଣଙ୍କୁ କେତେ ସଂଖ୍ୟକ ସୁଯୋଗ ଦେଇଛନ୍ତି ? କେତେ ଥର ଆପଣ ଯୀଶୁଙ୍କ ବିଷୟରେ କାହାରିକୁ କହିବା ପାଇଁ ଈଶ୍ୱରଙ୍କ ଆତ୍ମାଙ୍କ ଧୀର ନିର୍ଦ୍ଦେଶ ପ୍ରତି ନିଜର କର୍ଣ୍ଣ ରୁଦ୍ଧ କରିଛନ୍ତି ?

ବର୍ତ୍ତମାନ ସମୟଟି ଆପଣଙ୍କର। ଯଦି ଆପଣ ଏହାକୁ ହରାଇ ଦେବେ, ତେବେ ଆପଣ ଆପଣଙ୍କର ଅନନ୍ତକାଳୀନ ଆଶୀର୍ବାଦକୁ ମଧ୍ୟ ହରାଇ ଦେବେ । ବ୍ଲେଜ୍ ପାସ୍କାଲ ଜଣେର ପ୍ରସିଦ୍ଧ ବୈଜ୍ଞାନିକ ଥିଲେ । ଥରେଜଣେ ସୁସମାଚାର ପ୍ରଚାରକଙ୍କ ସହିତ ତାଙ୍କର ସାକ୍ଷାତ୍ ହେଲା । ଯେତେବେଳେ ପାସ୍କାଲ ସାଧାରଣ ଜଗତରେ ଖ୍ୟାତିର ଶିଖରରେ ଥିଲେ, ସେତେବେଳେ ସେ ପ୍ରଭୁଙ୍କୁ ଗ୍ରହଣ କରିଥିଲେ। ସେହି ଦିନଠାରୁ, ସେ ସହ-ବୈଜ୍ଞାନିକ, ବନ୍ଧୁ ଓ ସହକର୍ମୀମାନଙ୍କ ନିକଟରେ ସୁସମାଚାର ପ୍ରଚର କରିବା ପାଇଁ ଅଦମ୍ୟ ଆଗ୍ରହ ପ୍ରଦର୍ଶନ କରିଥିଲେ । ସେ ବେଶୀ ଦିନ ବଞ୍ଚି ନ ଥିଲେ; ଯୌବନାବସ୍ଥାରେ ହିଁ ସେ ପ୍ରଭୁଙ୍କ କୋଳକୁ ଚାଲିଯାଇଥିଲେ। ମାତ୍ର ସେ କହିପାରିଥିଲେ, "ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡିଅଛି, ମୁଁ ବିଶ୍ୱାସ ରକ୍ଷା କରିଅଛି" (୨ ତୀମଥି ୪:୭)।

ଆମେ ଦୀର୍ଘାୟୁ ଆଶା କରିପାରିବା ନାହିଁ । ମାତ୍ର ଆମେ ଏହି ଆଶା କରିପାରିବା ଯେ ଯଦି ଆମେ ଏହି ଜୀବନରେ ପ୍ରଭୁ ଓ ଈଶ୍ୱରଙ୍କ ନିମନ୍ତେ ବଞ୍ଚିବା, ତେବେ ଚିରଦିନ ପାଇଁ ଏକ ଅମର ଜୀବନ କାଟିବା । ଆସନ୍ତୁ, ଆମେ ଈଶ୍ୱରଙ୍କ ଆଜ୍ଞା ପାଳନ କରିବାକୁ ଚେଷ୍ଟା କରିବା। ବାଇବଲ କହିଛି, "ଈଶ୍ୱରଙ୍କର ଯେଉଁ ଦାସମାନେ ସର୍ବାନ୍ତଃକରଣ ସହିତ ତୁମ୍ଭ ସମ୍ମୁଖରେ ଗମନାଗମନ କରନ୍ତି, ସେ ସେମାନଙ୍କ ପ୍ରତି ନିୟମ ଓ ଦୟା ପାଳନ କରିଥାନ୍ତି ।"(୧ ରାଜାବଳି ୮:୨୩)। ଏଠାରେ ଗମନା ଗମନ କରିବା ଅର୍ଥ ତାଙ୍କର ସମସ୍ତ ଆଜ୍ଞା ଓ ନିୟମ ପାଳନ କରିବା । ପ୍ରାର୍ଥନାର ସହିତ ସୁସମାଚାର ପ୍ରଚାରର କାର୍ଯ୍ୟ କରନ୍ତୁ ।

● ● ●


# NEHEMIAH BIBLE COLLEGES

**ECHO OF HIS CALL MINISTRIES** (ESTD.: 1969)

**Affiliated to Hindustan Bible Institute & College (HBI), Chennai**

&

**Recognised by the International Christian Leaders & Senior Pastors for the 50 Years!**

Golden Opportunity!

Don't miss!!

God is Calling you!!!

**RESIDENTIAL COLLEGE, Velachery**
**(Medium: English & Hindi)**
Course : Diploma in Theology,
Qualification : 10th Standard
Period : One year (with field and administrative trainings)

**EVENING COLLEGE, Chepauk & Santhoshapuram**
**(Medium : Tamil)**
Course : Diploma in Theology
*Monday, Tuesday & Thursday 6.30 PM to 8.30 PM*
(Evening Classes - Chepauk)
Qualification : 10th Standard
Period : One year (with special Seminars on holidays)

**Pastor S. Sam Selva Raj, Founder-President**

**For more details & application forms please contact :**

NEHEMIAH BIBLE COLLEGES

10, Mohammed Abdullah 2nd Street, Bells Road, Opp. Cricket Stadium, Chepauk, Chennai - 600 005, India.

**Phone : (+91-44) 2852 8282, 2852 9293, 2854 7766, Cell No : (+91) 98410 71852, 95661 31858**

**E.mail : sam@echoofhiscall.org / biblecor@yahoo.co.in Websites : www.echoofhiscall.org / www.echoofhiscall.com**

# ଏକ ଖ୍ରୀଷ୍ଟିୟ ଜୀବନ କାଟିବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ

## (SOME IMPORTANT INSTRUCTIONS FOR LIVING CHRISTIAN LIFE)

ଯେତେବେଳେ ଜଣେ ବ୍ୟକ୍ତି କୌଣସି ବ୍ୟବସାୟ ଆରମ୍ଭ କରିବାକୁ ଯାଉଥାଏ, ସେତେବେଳେ ଯଦି ସେ ସଫଳତା ପାଇବାକୁ ଇଚ୍ଛା କରୁଥାଏ, ତେବେ ତାକୁ ଏ ବିଷୟରେ ଯଥାସମ୍ଭବ ସମସ୍ତ ବିଷୟ ଶିକ୍ଷା କରିବାକୁ ହୁଏ । ଅନେକ ଖ୍ରୀଷ୍ଟିଆନ ଜୀବନର ନିୟମ ଗୁଡିକୁ ଶିକ୍ଷା କରିବା ପାଇଁ ଆଦୌ ବ୍ୟସ୍ତ ହୁଅନ୍ତି ନାହିଁ । ଯୀଶୁ ଏହି ବିଷୟକୁ ଲକ୍ଷ୍ୟକରି କହିଥିଲେ, " ଏହି ଯୁଗର ସନ୍ତାନମାନେ ସେମାନଙ୍କ ସ୍ୱଜାତି ପକ୍ଷରେ ଆଲୋକର ସନ୍ତାନମାନଙ୍କ ଅପେକ୍ଷା ଅଧିକ ବୁଦ୍ଧିମାନ" (ଲୂକ ୧୬:୮) । ସେ ଏହା ସୂଚାଇ ଥିଲେ ଯେ ଏହି ଜଗତର ବିଷୟ ଗୁଡିକରେ , ଲୋକମାନେ ଈଶ୍ୱରଙ୍କ ସନ୍ତାନମାନଙ୍କ ଅପେକ୍ଷା ଅଧିକ ସାଧାରଣ ଜ୍ଞାନ ଓ ବୁଦ୍ଧିର ଅଧିକାରୀ ହେବେ । ଅବଶ୍ୟ, ଆଗାମୀ ଜଗତ ସହିତ ସଂପୃକ୍ତ ବିଷୟ ଗୁଡିକରେ ,ଅତି ଦରିଦ୍ର ଖ୍ରୀଷ୍ଟିଆନ ମଧ୍ୟ ଜଗତର ଅତି ଚତୁର ଲୋକ ଅପେକ୍ଷା ଅସୀମ ଭାବରେ ଜ୍ଞାନୀ ହେବ ।

ଯୀଶୁ ଏହା ଦର୍ଶାଇଥିଲେ ଯେ ଯଦି ଜଣେ ବ୍ୟକ୍ତି ଗୋଟିଏ ଦୁର୍ଗ ନିର୍ମାଣ କରିବାକୁ ଚାହୁଁଥାଏ, ତେବେ ଏହି କାର୍ଯ୍ୟକୁ ସମାପ୍ତ କରିବା ପାଇ ତା ନିକଟରେ ଯଥେଷ୍ଟ ଅର୍ଥ ଅଛି କି ନାହିଁ , ତାହା ସେ ପ୍ରଥମେ ହିସାବ କରିବା ଉଚିତ୍ । ଖ୍ରୀଷ୍ଟିଆନମାନେ ସେମାନଙ୍କର ସମସ୍ତ କାର୍ଯ୍ୟକଳାପରେ ଉତ୍ତମ ବ୍ୟବସାୟିକ ଜ୍ଞାନ ବ୍ୟବହାର କରିବା ଉଚିତ୍ ।

"କାରଣ ତୁମ୍ଭମାନଙ୍କ ମଧ୍ୟରୁ କିଏ ପ୍ରହରୀଗୃହ ନିର୍ମାଣ କରିବାକୁ ଇଚ୍ଛା କରି ତାହା ସଂପୂର୍ଣ୍ଣ କରିବା ନିମନ୍ତେ ତାହାର ଅର୍ଥବଳ ଅଛି କି ନାହିଁ, ଏହା ପ୍ରଥମେ ବସି ବ୍ୟୟ ହିସାବ ଦେଖିବ ନାହିଁ ?କାଳେ ସେ ମୂଳଦୁଆ ବସାଇ ଶେଷ କରି ନ ପାରିଲେ,ଯେତେ ଲୋକ ତାହା ଦେଖିବେ, ସମସ୍ତେ ତାହାକୁ ପରିହାସ କରିବାକୁ ଲାଗିବେ, ଏ ଲୋକଟା ତୋଳିବାକୁ ଆରମ୍ଭ କରି ଶେଷ କରି ପାରିଲା ନାହିଁ" (ଲୂକ୍ ୧୪:୨୮-୩୦) ।

### ଗୋଟିଏ ନିୟମିତ ପ୍ରାର୍ଥନା ଜୀବନ ଆରମ୍ଭ କରନ୍ତୁ ।

ଯଦି ଜଣେ ବ୍ୟକ୍ତି ଗୋଟିଏ ସଫଳ ଖ୍ରୀଷ୍ଟିଆନ ହେବାକୁ ଚାହୁଁଥାଏ, ତେବେ ତାଙ୍କୁ ସେହି ଉଦ୍ଦେଶ୍ୟ ପାଇଁ ଈଶ୍ୱର ଯୋଗାଇଥିବା ଉପାୟ ଗୁଡିକୁ ବ୍ୟବହାର କରିବାକୁ ହେବ । ଉଦାହରଣ ସ୍ୱରୂପ, ପ୍ରଥମରେ ତାଙ୍କୁ ଏକ ନିୟମିତ ପ୍ରାର୍ଥନା ଜୀବନ ଆରମ୍ଭ କରିବାକୁ ପଡିବ । ଏହାକୁ ଅତି ବଳିଷ୍ଟଭାବରେ ଗୁରୁତ୍ୱ ଦିଆଯାଇପାରିବ । ନିୟମିତ ଭାବରେ ପ୍ରାର୍ଥନା କରୁଥିବା ଜଣେ ବ୍ୟକ୍ତିର ଜୀବନ କାଳ ମଧ୍ୟରେ ଅନେକ ଆଶ୍ଚର୍ଯ୍ୟ ଜନକ ବିଷୟ ସାଧିତ ହୋଇପାରେ । ପ୍ରାର୍ଥନା ଈଶ୍ୱରଙ୍କଠାରୁ ବିଭିନ୍ନ ବିଷୟ ପାଇବାର ମାଧ୍ୟମ ଅଟେ । ଉଦାହରଣ ସ୍ୱରୂପ, ଏଠାରେ ଯୀଶୁଙ୍କର ଗୋଟିଏ ପ୍ରତିଜ୍ଞା ବାକ୍ୟ ପ୍ରଦତ୍ତ ଅଛି:

"ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ; ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଦ୍ୱାର ଫିଟାଇ ଦିଆଯିବ । କାରଣ ଯେ କେହି ମାଗେ, ସେ ପାଏ, ଯେ ଖୋଜେ , ସେ ସନ୍ଧାନ ପାଏ, ଆଉ ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯାଏ" (ମାଥିଉ ୭:୭-୮) ।

ମାର୍କ ୧୧:୨୨-୨୪ରେ , ଯୀଶୁ ଘୋଷଣା କରିଥିବା ବିଶ୍ୱାସର ଶକ୍ତିକୁ ଲକ୍ଷ୍ୟ କରନ୍ତୁ;

"ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ଈଶ୍ୱରଙ୍କଠାରେ ବିଶ୍ୱାସ ରଖ । ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେ କେହି ଏହି ପର୍ବତକୁ ଉଠି ସମୁଦ୍ରରେ ଯାଇ ପଡ଼ ବୋଲି କହିବ, ଆଉ ଆପଣା ହୃଦୟରେ ସନ୍ଦେହ ନ କରି, ଯାହା କହୁଅଛ, ତାହା ଘଟିବ ବୋଲି ବିଶ୍ୱାସ କରିବ, ତା" ନିମନ୍ତେ ତାହା ଘଟିବ । ଅତଏବ, ମୁଁ ତୁମ୍ଭମାନଙ୍କୁ କହୁଅଛି ତୁମ୍ଭେମାନେ ଯାହା ଯାହା ପ୍ରାର୍ଥନା କର ଓ ମାଗ, ସେ ସବୁ ପାଇଅଛ ବୋଲି ବିଶ୍ୱାସ କର, ସେଥିରେ ସେହିସବୁ ପାଇବ ।"

ହୁଏତ ଆପଣଙ୍କୁ ମୋର ଅତି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ହେଉଛି, ଆପଣ ପ୍ରାର୍ଥନାକୁ ଏକ ଦୈନିକ ଅଭ୍ୟାସରେ ପରିଣତ କରନ୍ତୁ । ପ୍ରତିଦିନ ,ଆପଣ ପ୍ରଭୁଙ୍କ ସମ୍ମୁଖକୁ ଆପଣଙ୍କ ଜୀବନର ପ୍ରତ୍ୟେକଟି ଗୁରୁତ୍ୱପୂର୍ଣ୍ଣ ବିଷୟ, ଯଥା ଆପଣଙ୍କ ଦୈନନ୍ଦିନ କାର୍ଯ୍ୟ, ଆପଣଙ୍କର ଅର୍ଥ, ଆପଣଙ୍କର ସମସ୍ୟା, ଆପଣଙ୍କ ପରିବାର, ଆପଣଙ୍କର କାର୍ଯ୍ୟ, ଆପଣଙ୍କର ଆଶା, ଆପଣଙ୍କର ବୃତ୍ତିଗତ ଜୀବନ, ଇତ୍ୟାଦିକୁ ଆଣନ୍ତୁ । ଯଦି ଆପଣ ପ୍ରତିଦିନ ଏହା କରିବାରେ ବିଶ୍ୱସ୍ତ ହେବେ, ତେବେ ଆପଣଙ୍କ ପାଇଁ ଈଶ୍ୱର ଯେଉଁ ଉଦ୍ଦେଶ୍ୟ ରଖିଛନ୍ତି, ତାହା ପ୍ରତି ଆପଣ ଜୀବନ ଉନ୍ମୋଚିତ ହେବାର ଦେଖିବେ । ଏହା ମନେ ରଖନ୍ତୁ; ଈଶ୍ୱରଙ୍କ ନିକଟରେ ପ୍ରତ୍ୟେକ ଜୀବନ ପାଇଁଏକ ସ୍ୱତନ୍ତ୍ର ଯୋଜନା ଅଛି । ଏହା ସେହି ଜୀବନ ପାଇଁ ଯଥା ସମ୍ଭବ ସର୍ବୋତ୍ତମ ଯୋଜନା ଅଟେ । ହୁଏତ ଆପଣ ସେବାକାର୍ଯ୍ୟ ପାଇଁ କିମ୍ବା ଏକ ମିଶନେରୀ ହେବା ପାଇଁ କିମ୍ବା ମଣ୍ଡଳୀରେ ଏକ ତାଲିମ ପ୍ରାପ୍ତ କାର୍ଯ୍ୟକାରୀ କିମ୍ବା ଗୋଟିଏ ବ୍ୟବସାୟୀ କିମ୍ବା ଗୋଟିଏ ଗୃହିଣୀ ହେବା ପାଇ ଆହ୍ୱାନ ପାଇଛନ୍ତି । ଈଶ୍ୱରଙ୍କର ଯଥାର୍ଥ ଇଚ୍ଛା ଆପଣଙ୍କ ପାଇଁ ଉଦ୍ଦିଷ୍ଟ, ମାତ୍ର ଆପଣଙ୍କୁ ପ୍ରାର୍ଥନା ମାଧ୍ୟମରେ ସେହି ଇଚ୍ଛା ମଧ୍ୟକୁ ପ୍ରବେଶ କରିବାକୁ ହେବ । ହଁ ଅନେକ ଖ୍ରୀଷ୍ଟିଆନ ଈଶ୍ୱରଙ୍କର ସର୍ବୋତ୍ତମ ବିଷୟକୁ ହୁଏତ ହରାଇ ଦେଇପାରନ୍ତି । ଏହା ପ୍ରାୟତଃ, ବିବାହରେ ସତ୍ୟ ଅଟେ । ଯଦି ଜଣେ ବ୍ୟକ୍ତି ଆନ୍ତରିକ ଭାବରେ ପ୍ରାର୍ଥନା କରେ ନାହିଁ; ତେବେ ସେ ହୁଏତ ଜଣେ ଭୁଲ ବ୍ୟକ୍ତିକୁ ବିବାହ କରିପାରେ, ଓ ଏହାର ପରିଣତିରେ, ତାର ସମଗ୍ର ଜୀବନ ହୁଏତ ଦୁଃଖଦ ଭାବରେ ପ୍ରଭାବିତ ହୋଇପାରେ । ଗୋଟିଏ ଜୀବନ ସାଥୀ ମନୋନୀତ କରିବା ପାଇଁ ଆଉ କୌଣସି ଦ୍ୱିତୀୟ ପନ୍ଥା ନାହିଁ । ଆଦ୍ୟ ମଣ୍ଡଳୀର ଲୋକମାନେ ଯେପରି କରୁଥିଲେ, ଆପଣ ମଧ୍ୟ ସେହିପରି ଗୋଟିଏ ନିୟମିତ ପ୍ରାର୍ଥନାର ସମୟ ସ୍ଥାପନ କରନ୍ତୁ (ପ୍ରେରିତ ୩:୧) । ଏହିପରି ଭାବରେ, ଆପଣ ନିଜକୁ ଅନେକ ଭୁଲ୍ରୁ ରକ୍ଷା କରିପାରିବେ ।

ଆହୁରି ମଧ୍ୟ କୌଣସି ଖ୍ରୀଷ୍ଟିଆନ କରିପାରୁଥିବା ଗୋଟିଏ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି, ଅନ୍ୟମାନଙ୍କର ସମସ୍ୟା ଓ ଆବଶ୍ୟକତା ପାଇଁ ପ୍ରାର୍ଥନା କରିବା । ଏହା ଏକ ମଧ୍ୟସ୍ଥି ପ୍ରାର୍ଥନା (ନିବେଦନ) ର କାର୍ଯ୍ୟ ଅଟେ । ଜଣେ ନିବେଦନକାରୀ ପାଇଥିବା ଆହ୍ୱାନ ଠାରୁ ଉଚ୍ଚତର ଆହ୍ୱାନ ଆଉ ନାହିଁ । ପୁଣି ଏହି ଆହ୍ୱାନ ସମସ୍ତଙ୍କ ପ୍ରତି ଉନ୍ମୁକ୍ତ ଅଟେ । ଏହା ଆପଣଙ୍କ ପ୍ରତି ଉନ୍ମୁକ୍ତ ଅଟେ । ଯଦି ଆପଣ ନିବେଦନ ପ୍ରାର୍ଥନାର ଶକ୍ତି ଶିକ୍ଷା କରିବେ, ତେବେ ଏହାର ଉତ୍ତର ଯିହିଜିକଲ ୨୨:୩୦-୩୧ରେ ଦେଖିବାକୁ ପାଇବେ ।

"ପୁଣି, ଆମ୍ଭେ ଯେପରି ଦେଶ ବିନଷ୍ଟ ନକରୁ, ଏଥିପାଇଁ ଯେ ପ୍ରାଚୀର ଦୃଢ଼ କରି ପାରିବ ଓ ଫାଟ ସ୍ଥାନରେ ଆମ୍ଭ ସମ୍ମୁଖରେ ଦେଶର ସପକ୍ଷରେ ଠିଆହେବ, ଏପରି ଏକ ପୁରୁଷ ଆମ୍ଭେ ଅନ୍ୱେଷଣ କଲୁ, ମାତ୍ର ଜଣେ ସୁଦ୍ଧା ପାଇଲୁ ନାହିଁ । ଏହେତୁ ଆମ୍ଭେ ସେମାନଙ୍କ ଉପରେ ଆପଣା କ୍ରୋଧ ଢାଳି ଦେଇଅଛୁ, ଆମ୍ଭେ ଆପଣା କୋପାଗ୍ନିରେ ସେମାନଙ୍କୁ ସଂହାର କରିଅଛୁ । ସେମାନଙ୍କ ନିଜ କାର୍ଯ୍ୟର ଫଳ ସେମାନଙ୍କର ମସ୍ତକରେ ବର୍ତ୍ତାଇଅଛୁ, ଏହା ପ୍ରଭୁ ସଦାପ୍ରଭୁ କହନ୍ତି ।"

ଅନ୍ୟଭାଷାରେ, ଈଶ୍ୱର କହୁଛନ୍ତି ଯେ ଲୋକମାନେ ଯେପରି ତାଙ୍କ ନିକଟକୁ ଫେରି ଆସିବେ, ଏଥିପାଇଁ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ସକାଶେ ସେ ଜଣେ ବ୍ୟକ୍ତିକୁ ଅନ୍ୱେଷଣ କରୁଥିଲେ । ମାତ୍ର ସେ ପ୍ରାର୍ଥନା କରିବା ପାଇଁ କୌଣସି ଲୋକକୁ ନ ପାଇବାରୁ ସେମାନଙ୍କ ଦୁଷ୍ଟତା ଯୋଗୁ ସେମାନଙ୍କୁ ଦଣ୍ଡ ଦେଇଥିଲେ ଓ ସେମାନଙ୍କ ଦେଶକୁ ଧ୍ୱଂସ କରିଥିଲେ ।

### ପ୍ରତିଦିନ ବାଇବଲ ପଢନ୍ତୁ ।

ବାଇବଲକୁ ଯଥାର୍ଥ ଭାବରେ ବୁଝିବାପାଇଁ, ଈଶ୍ୱର ଯେ ତାଙ୍କ ପବିତ୍ର ବାକ୍ୟ ମାଧ୍ୟମରେ ଆପଣଙ୍କୁ କଥା କହୁଛନ୍ତି, ଏହି ଚିନ୍ତାଧାରା ସହିତ ଆପଣଙ୍କୁ ବାଇବଲ ଅଧ୍ୟୟନ କରିବାକୁ ହେବ । ବର୍ତ୍ତମାନ ବାଇବଲର ଲେଖକଙ୍କୁ ଆପଣ ଜାଣନ୍ତି- ସେ ଆପଣଙ୍କର ସ୍ୱର୍ଗୀୟ ପିତା ଅଟନ୍ତି । ଏହା ଜାଣିବାପରେ, ଆପଣ ଏହାର ପୃଷ୍ଠାଗୁଡ଼ିକରୁ ଅନେକ ଉତ୍ସାହ ଓ ଶିକ୍ଷା ପାଇବେ ।

ଏହା ସତ୍ୟ ଅଟେ ଯେ ବାଇବଲରେ ଏପରି କେତେକ ପୁସ୍ତକ ଅଛି, ଯେଉଁ ଗୁଡ଼ିକୁ ବୁଝିବା କଷ୍ଟକର ଅଟେ । ବାଇବଲକୁ ଦୁଇଭାଗରେ ବିଭକ୍ତ କରାଯାଇଛି - ପୁରାତନ ନିୟମ ଓ ନୂତନ ନିୟମ ଯୀଶୁ ଖ୍ରୀଷ୍ଟ ପୃଥିବୀରେ ଜନ୍ମଗ୍ରହଣ କରିବା ପୂର୍ବରୁ ପୁରାତନ ନିୟମ ଲେଖାଯାଇଥିଲା । ଈଶ୍ୱର କିପରି ଯୁଗ ଯୁଗ ଧରି ମନୁଷ୍ୟମାନଙ୍କ ସହିତ ସଂପର୍କ ରଖିଥିଲେ, ଏହି ବିଷୟରେ ଏହା କହିଅଛି । ଏହା ମନୁଷ୍ୟକୁ ଉଦ୍ଧାର କରିବା ପାଇଁ ଆଗମନ କରିବାକୁ ଯାଉଥିବା ଈଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଓ ମୃତ୍ୟୁ ବିଷୟରେ ମଧ୍ୟ ଅନେକ ସ୍ଥାନରେ ପ୍ରାକ୍ ସୂଚନା ପ୍ରଦାନ କରିଅଛି ।

ନୂତନ ନିୟମ ପୃଥିବୀରେ ଖ୍ରୀଷ୍ଟଙ୍କ ଜନ୍ମ, ଜୀବନ ଯାପନ, ମୃତ୍ୟୁ ଓ ପନରୁତ୍ଥାନ ପରେ ଲେଖାଯାଇଥିଲା । ନୂତନ ନିୟମର ପ୍ରଥମ ଚାରୋଟି ପୁସ୍ତକ (ମାଥିଉ, ମାର୍କ, ଲୂକ ଓ ଯୋହନ) କୁ ସୁସମାଚାର ବୋଲି କୁହାଯାଏ ଓ ସେଗୁଡ଼ିକରେ ଖ୍ରୀଷ୍ଟଙ୍କର କାହାଣୀ ଓ ପୃଥିବୀରେ ତାଙ୍କ କାର୍ଯ୍ୟ ବିଷୟରେ ଲେଖାଅଛି । ପ୍ରତ୍ୟେକ ଖ୍ରୀଷ୍ଟିଆନ ଏହି ପୁସ୍ତକ ଗୁଡ଼ିକରୁ ଆରମ୍ଭ କରିବା ଉଚିତ୍ । ପରବର୍ତ୍ତୀ ପୁସ୍ତକ ପ୍ରେରିତମାନଙ୍କର କାର୍ଯ୍ୟର ବିବରଣୀ ଅଟେ । ସେଥିରେ ଖ୍ରୀଷ୍ଟଙ୍କର ସ୍ୱର୍ଗାରୋହଣ ପରେ , ତାଙ୍କର ଶିଷ୍ୟମାନେ କିମ୍ବା ଅନୁଗାମୀମାନେ କିପରି ତାଙ୍କ କାର୍ଯ୍ୟକୁ ପରିଚାଳନା କରିଥିଲେ ଓ ମଣ୍ଡଳୀ କିପରି ଗଠିତ ହେଲା, ସେ ବିଷୟରେ ବର୍ଣ୍ଣନା କରାଯାଇଛି । ପ୍ରେରିତ ପୁସ୍ତକ ଆଜି ଖ୍ରୀଷ୍ଟିଆନ ମଣ୍ଡଳୀପାଇଁ ନକ୍ସା ପ୍ରଦାନ କରିଛି । ନୂତନ ନିୟମର ଅବଶିଷ୍ଟ ଅଧିକାଂଶ ଭାଗ ପ୍ରେରିତ ପାଉଲ ପବିତ୍ର ଆତ୍ମାଙ୍କ ଚାଳନାରେ ବିଭିନ୍ନ ସହର ଓ ଦେଶରେ ଥିବା ମଣ୍ଡଳୀଗୁଡ଼ିକ ନିକଟକୁ ଲେଖିଥିଲେ । ସେଗୁଡ଼ିକରେ ଥିବା ତାଙ୍କ ଶିକ୍ଷ୍ୟ ଆଦ୍ୟ ମଣ୍ଡଳୀର ଖ୍ରୀଷ୍ଟିଆନମାନଙ୍କ ପାଇଁ ଯେପରି ମୂଲ୍ୟବାନ୍ ଥିଲା, ଆଜି ଆମ ପାଇଁ ମଧ୍ୟ ସେହିପରି ମୂଲ୍ୟବାନ୍ ଅଟେ ।

ନୂତନ ନିୟମକୁ ଅଧ୍ୟାୟ ପରେ ଅଧ୍ୟାୟ ଅନୁସାରେ ପଢନ୍ତୁ; ଗୋଟିଏ ପୁସ୍ତକ ପରେ ଥିବା ପୁସ୍ତକ ଗୁଡ଼ିକୁ ନ ପଢି ଅନ୍ୟ ପୁସ୍ତକ ପଢନ୍ତୁ ନାହିଁ । ନୂତନ ନିୟମ ଆପଣଙ୍କ ଖ୍ରୀଷ୍ଟିଆନ ଜୀବନ ପାଇଁ ଆପଣଙ୍କର ପଥ ପ୍ରଦର୍ଶକ ଅଟେ ।

ଆପଣ ନୂତନ ନିୟମ ପାଠ କରି ସାରିବା ପରେ ପୁରାତନ ନିୟମ ଆରମ୍ଭ କରି ପାରନ୍ତି । ଏଥିରେ ଆପଣ ଏପରି ଲୋକମାନଙ୍କ ବିଷୟରେ ପଢ଼ିବେ, ଯେଉଁମାନଙ୍କ ମଧ୍ୟରୁ କେତେଜଣ ଈଶ୍ୱର ସେମାନଙ୍କ ସହିତ କିପରି ବ୍ୟବହାର ଦେଖାଇଲେ । ଆପଣ ଯେପରି ପୁରାତନ ନିୟମର ଗୁରୁତ୍ୱପୂର୍ଣ୍ଣ ବିଷୟ ଶିକ୍ଷା କରି ପାରିବେ, ଏଥିପାଇଁ ଶାସ୍ତ୍ରାଂଶ ବିଷୟରେ ଜ୍ଞାନ ଦେବା ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ । କିନ୍ତୁ, ନୂତନ ନିୟମ ବିଶେଷ ଭାବରେ ଆମ ପାଇଁ, ଅର୍ଥାତ୍, ମଣ୍ଡଳୀ ଯୁଗର ବିଶ୍ୱାସୀମାନଙ୍କ ପାଇଁ ଲେଖା ଯାଇଥିଲା । ସେଥିପାଇଁ ଆପଣ ସେଠାରେ ବହୁ ସାହାଯ୍ୟ ପାଇବେ । ଦିନକୁ, ଅନ୍ତତଃ ତିନୋଟି ଅଧ୍ୟାୟ ପଢ଼ିବା ଜଣେ ଖ୍ରୀଷ୍ଟିଆନ ପାଇଁ ଉତ୍ତମ ଅଟେ । ଅର୍ଥ ଶାସ୍ତ୍ର ବୁଝାଇବା ପାଇଁ ଗୋଟିଏ ଅଧ୍ୟୟନ ଦଳ ଆରମ୍ଭ କରିବାକୁ ଆପଣଙ୍କ ପାଳକଙ୍କୁ କହନ୍ତୁ । ଏହା ସମସ୍ତଙ୍କ ପାଇଁ ଏକ ବଡ଼ ଅନୁଭୂତି ହେବ । କିନ୍ତୁ, ଯଦି ଏ ପର୍ଯ୍ୟନ୍ତ ଆପଣ ଈଶ୍ୱରଙ୍କ ଇଚ୍ଛା ଜାଣିପାରୁ ନାହାନ୍ତି, ତେବେ ଆପଣଙ୍କୁ ଚାଳନା ଦେବା ପାଇଁ ପବିତ୍ର ଆତ୍ମାଙ୍କୁ ନିବେଦନ କରନ୍ତୁ ।

### ଈଶ୍ୱରଙ୍କୁ ଦାନ ଦେବାରେ ବିଶ୍ୱସ୍ତ ହୁଅନ୍ତୁ -

ବାଇବଲରେ ଯାକୁବଙ୍କ ବିଷୟରେ ଲେଖାଅଛି, ଯାହାଙ୍କଠାରେ କେତୋଟି ଅତି ଅରୁଚିକର ଗୁଣ ଥିଲା । ତାଙ୍କର ଛୋଟ ପ୍ରକୃତି ମନ୍ଦ ଭାବରେ ବୃଦ୍ଧି ପାଇଥିଲା । ଶେଷରେ , ଈଶ୍ୱର ତାଙ୍କ ଜୀବନ ମଧ୍ୟକୁ ଆସିଥିଲେ । ଦିନେ ତାଙ୍କର ଠକାମୀ ଯୋଗୁଁ ସେ ଏପରି ବିପଦରେ ପଡ଼ିଲେ ଯେ ତାଙ୍କୁ ଗୃହରୁ ପଳାୟନ କରିବାକୁ ପଡ଼ିଥିଲା । ମାତ୍ର ସେହି ରାତ୍ରିରେ ଈଶ୍ୱର ତାଙ୍କୁ ସ୍ୱର୍ଗ ସମ୍ବନ୍ଧରେ ଏକ ଦର୍ଶନ ଦେଇଥିଲେ । ସେହି ଦର୍ଶନ ତାଙ୍କ ଜୀବନକୁ ପରିବର୍ତ୍ତନ କରିଥିଲା, ଓ ସେ ସେହି ସ୍ଥାନରେ ଈଶ୍ୱରଙ୍କ ନିକଟରେ ଶପଥ କରିଥିଲେ ଯେ ସେ ତାଙ୍କ ଜୀବନରେ ଯାହା କିଛି ଉପାର୍ଜ୍ଜନ କରିବେ, ସେହି ଆୟର ଏକ ଦଶମାଂଶ ଦାନ ଦେବାରେ ବିଶ୍ୱସ୍ତ ରହିବେ ।

“ଆଉ ଯାକୁବ ମାନତ୍ କରି କହିଲେ, ଯେବେ ପରମେଶ୍ୱର ମୋହର ସହାୟ ହେବେ ଓ ମୋହର ଏହି ଯିବା ପଥରେ ମୋତେ ରକ୍ଷା କରିବେ, ପୁଣି ଆହାର ନିମନ୍ତେ ଅନ୍ନ ଓ ପରିଧାନ ନିମନ୍ତେ ବସ୍ତ୍ର ଦେବେ, ଆଉ ଯେବେ ମୁଁ କୁଶଳରେ ପିତୃ ଗୃହକୁ ପୁନର୍ବାର ଆସିବି, ତେବେ ସଦାପ୍ରଭୁ ମୋହର ପରମେଶ୍ୱର ହେବେ । ପୁଣି ମୁଁ ଏହି ଯେଉଁ ପ୍ରସ୍ତର ସ୍ତମ୍ଭରୂପେ ସ୍ଥାପନ କରିଅଛି, ତାହା ପରମେଶ୍ୱରଙ୍କ ଗୃହ ହେବ; ଆଉ ତୁମ୍ଭେ ମୋତେ ଯାହାସବୁଦେବ, ତହିଁର ଦଶମାଂଶ ମୁଁ ତୁମ୍ଭକୁ ଅବଶ୍ୟ ଦେବି” (ଆଦି ପୁସ୍ତକ ୨୮:୨୦-୨୨) ।

ଏହା ଅତି ଦୁଃଖଦଭାବରେ ସତ୍ୟ ଅଟେଯେ କେତେକ ଖ୍ରୀଷ୍ଟିଆନ ଏପରି ଲୋଭୀ ଅଟନ୍ତି ଯେ ସେମାନେ ସେମାନଙ୍କ ଦଶମାଂଶ ଦାନ କରନ୍ତି ନାହିଁ । ଈଶ୍ୱର ସେମାନଙ୍କୁ ଚୋର ଓ ଡକାୟତ ବୋଲି କହିଥିଲେ । ସେମାନେ ମନୁଷ୍ୟଙ୍କୁ ନୁହେଁ, ମାତ୍ର ଈଶ୍ୱରଙ୍କୁ ଲୁଣ୍ଠନ କରିଥାନ୍ତି ।

“ମନୁଷ୍ୟ କି ପରମେଶ୍ୱରଙ୍କ ଦ୍ରବ୍ୟ ଚୋରି କରିବ ? ତଥାପି ତୁମ୍ଭେମାନେ ଆମ୍ଭର ଦ୍ରବ୍ୟ ଚୋରି କରୁଅଛ । ମାତ୍ର ତୁମ୍ଭେମାନେ କହୁଅଛ, ଆମ୍ଭେମାନେ କିରୂପେ ତୁମ୍ଭର ଦ୍ରବ୍ୟ ଚୋରି କରିଅଛୁ ? ଦଶମାଂଶରେ ଓ ନୈବେଦ୍ୟରେ । ତୁମ୍ଭେମାନେ ଅଭିଶାପରେ ଶାପଗ୍ରସ୍ତ ହୋଇଅଛ; କାରଣ ତୁମ୍ଭେମାନେ, ହଁ, ଏହିସବୁ ଗୋଷ୍ଠୀ ଆମ୍ଭର ଦ୍ରବ୍ୟ ଚୋରି କରୁଅଛି । ଆମ୍ଭର ଗୃହରେ ଯେପରି ଖାଦ୍ୟ ରହିବ, ଏଥିପାଇଁ ତୁମ୍ଭେମାନେ ଆମ୍ଭର ଭଣ୍ଡାରକୁ ସଂପୂର୍ଣ୍ଣ ଦଶମାଂଶ ଆଣ, ଆଉ ଆମ୍ଭେ ଆକାଶସ୍ଥ ଦ୍ୱାରସବୁ ମୁକ୍ତ କରି ରଖିବାପାଇଁ ସ୍ଥାନ ନିଅଣ୍ଟ ହେବା ପର୍ଯ୍ୟନ୍ତ ତୁମ୍ଭମାନଙ୍କ ଉପରେ ଆଶୀର୍ବାଦ ରୂପ ବୃଷ୍ଟି ବର୍ଷାଇବା କି ନାହିଁ, ଏତଦ୍ ବିଷୟରେ ଏବେ ଆମ୍ଭର ପରୀକ୍ଷା ନିଅ । (ମଲାଖି ୩:୮-୧୦) । ଅନ୍ୟ ପକ୍ଷରେ, ଯେଉଁମାନେ ତାଙ୍କୁ ଦାନ ଦେବାରେ ବିଶ୍ୱସ୍ତ ଅଟନ୍ତି, ସେମାନଙ୍କ ଉପରେ ଏକ ସ୍ୱତନ୍ତ୍ର ଆଶୀର୍ବାଦର ବୃଷ୍ଟି କରିବା ପାଇଁ ଈଶ୍ୱର ପ୍ରତିଜ୍ଞା କରିଛନ୍ତି । ଦଶମାଂଶ ହେଉଛି, ଆମେ ଯାହା ଅର୍ଜ୍ଜନ କରୁ କିମ୍ବା ବେତନ କିମ୍ବା ଦ୍ରବ୍ୟ ଆକାରରେ ଯାହା ପାଉ, ସେଥିରୁ ଏକ ଦଶମାଂଶ ଈଶ୍ୱରଙ୍କୁ ଫେରାଇ ଦେବା । ଆମର ଯାହା କିଛିଅଛି, ସେସବୁ ଈଶ୍ୱରଙ୍କଠାରୁ ଆସିଛି । ତାଙ୍କର କାର୍ଯ୍ୟ ପାଇଁ, ଅନ୍ତତଃ ଏକ ଦଶମାଂଶ ତାଙ୍କୁ ଦେବା ପାଇଁ ସେ ଆମକୁ କହିଛନ୍ତି ।

ପ୍ରଥମେ ପ୍ରଭୁଙ୍କ କର୍ଯ୍ୟକୁ ସହାୟତା ପ୍ରଦାନ କରିବା ଉଚିତ୍ । ଆପଣ ଯେତେଥର ଆପଣଙ୍କ କାର୍ଯ୍ୟରୁ କିମ୍ବା ବିକ୍ରିରୁ ଅର୍ଥ କିମ୍ବା ଦ୍ରବ୍ୟ ପାଆନ୍ତି, ସେତେଥର ସେହି ସବୁର ଦଶମାଂଶ ପ୍ରଥମେ ତାଙ୍କୁ ଦେବାପାଇଁ ଈଶ୍ୱର କହିଛନ୍ତି ।

ବିଶ୍ୱ ମିଶନ ପ୍ରତି ଖ୍ରୀଷ୍ଟିଆନମାନଙ୍କର ଦାୟିତ୍ୱକୁ ଆଣଦେଖା କରନ୍ତୁ ନାହିଁ । ଆମେ ସମସ୍ତେ ସେହି ଲୋକମାନଙ୍କ ନିକଟରେ ଋଣୀ, ଯେଉଁମାନେ ଖ୍ରୀଷ୍ଟଙ୍କୁ ଜାଣି ନାହାନ୍ତି । ଖ୍ରୀଷ୍ଟ କହିଥିଲେ, “ସମସ୍ତ ଜାତିର ଲୋକଙ୍କ ନିକଟକୁ ଯାଇ ପ୍ରତ୍ୟେକ ପ୍ରାଣୀ ନିକଟରେ ସୁସମ୍ବାଦ (ସୁସମାଚର) ପ୍ରଚାର ଓ ଘୋଷଣା କର ...।” ହୁଏତ ଈଶ୍ୱର ଆପଣଙ୍କୁ ଜଣେ ସେବକ କିମ୍ବା ମିଶନେରୀ ଭାବରେ ଆହ୍ୱାନ କରିବେ । ଯଦି ନାହିଁ, ତେବେ କେହି ଜଣେ ଯେପରି ବାର୍ତ୍ତାବହନ କରିପାରିବ, ଏଥିପାଇଁ ତାଙ୍କୁ ସହାଯ୍ୟ କରିବାର ଦାୟିତ୍ୱ ଆପଣଙ୍କର ଅଟେ ।

ଉତ୍ତମ ପ୍ରଭୁ ଆପଣଙ୍କୁ ପ୍ରଚୁରଭାବେ ଆଶୀର୍ବାଦ କରନ୍ତୁ ।

• • •



# ଗର୍ତ୍ତରୁ ରାଜପ୍ରାସାଦ
## (PIT TO PALACE)
### (ପାଳକ ଏସ୍. ସାମ୍.ସେଲଭାରାଜଙ୍କ ଜୀବନାନୁଭୂତି)

"ଯେ ପାଠ କରେ , ସେ ବୁଝେ" (ମାଥିଉ ୨୪:୧୫)।

"ପରମେଶ୍ୱର ଯୋଗାଇବେ....(ଆଦି ୨୨:୮) "ସଦାପ୍ରଭୁ ଯୋଗାଇବେ ....(ଆଦି ୨୨:୧୪)

ଚେନ୍ନାଇ (ମାଡ୍ରାସ ସହର) ରେ ମୁଖ୍ୟ ଉପାସନାଗୃହ ସ୍ଥାପନ କରିବାର ଆଦ୍ୟ ଦିନ ଗୁଡିକରୁ, ମୋତେ ଏପରି ଲୋକମାନଙ୍କ ଠାରୁ ଅନେକ ସମସ୍ୟା ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା, ଯେଉଁମାନେ ଈଶ୍ୱରଙ୍କର ଓ ତାଙ୍କ ଦାସମାନଙ୍କର ଶକ୍ତି ଜାଣିନଥିଲେ। ମୁଁ ଓ ମୋ ପରିବାର ସଦସ୍ୟମାନେ ସେହି ସ୍ଥାନର ଏକମାତ୍ର ଖ୍ରୀଷ୍ଟିଆନଲୋକ ହୋଇଥିବାରୁ ସେହି ଅଞ୍ଚଳର ଲୋକମାନେ ଆମକୁ ବଡ଼ ଅପଦସ୍ତ ଓ ହଇରାଣ କରୁଥିଲେ । ଆମେ ଅନ୍ୟମାନଙ୍କ ଭଳି ଆମ ଗୃହ ସମ୍ମୁଖରେ ଆମର ଗାଡି ରଖିପାରୁ ନଥିଲୁ ।

ଆମ ଗୃହକୁ ଲାଗି ରହିଥିବା ଗୃହଟି ଅତି ପୁରୁଣା ଥିଲା ଓ ସେହି ଗୃହର ଭିତର ଓ ବାହାର ଭାଙ୍ଗିରୁଜି ଯାଇଥିଲା। ପାଣି ପାଇପ୍ ଓ ମଇଲା ପାଣି ପାଇପ୍ ଗୁଡିକ ଭାଙ୍ଗିଯାଇଥିଲା ଓ ଏଥିଯୋଗୁଁ କାନ୍ଥରେ ଓ ଛାତରେ ଅନେକ ସ୍ଥାନ କ୍ଷତିଗ୍ରସ୍ତ ହୋଇଥିଲା।

ଦିନେ ସେହି ଗୃହର ମାଲିକ ମୋ ନିକଟକୁ ଆସି ମିଥ୍ୟାରେ ଏହି ଅଭିଯୋଗ କଲେ ଯେ ଆମ ଗୃହରୁ ପାଣି କ୍ଷରଣ ହେଉଥିବାରୁ ତାଙ୍କ ଗୃହରୁ ପାଣି ଝରୁଛି ଓ ଅନେକ ସ୍ଥାନରେ ଫାଟ ଦେଖାଯାଉଛି । ଦଳେ ଲୋକ ଅତି ଉଚ୍ଚ ସ୍ୱରରେ ଚିତ୍କାର କରୁଥିଲେ ଓ ପଡୋଶୀମାନଙ୍କୁ ଏକତ୍ରିତ କରୁଥିଲେ। ସେମାନେ ସମସ୍ତେ ଏକ ସଂଗରେ ମିଶି ଘରର ମରାମତି କାର୍ଯ୍ୟ ଓ କାନ୍ଥରେ ରଂଗ ଦେବା କାର୍ଯ୍ୟ ପାଇଁ ମୋ ଠାରୁ ଏକ ବଡ଼ ପରିମାଣର ଅର୍ଥ ଦାବୀ କରୁଥିଲେ । ମାତ୍ର ମୋ ପାଖରେ ଏତେ ପରିମାଣର ଟଙ୍କା ନଥିଲା। କେତେକ ଲୋକ ଆଗକୁ ଆସି କହିଲେ ଯେ ସେହି ବ୍ୟକ୍ତିର ଦାବୀ ଠିକ୍ ନୁହେଁ । ମାତ୍ର ଆମେ ଯେତେ ବୁଝାଇଲେ ସୁଦ୍ଧା ସେମାନେ ଶୁଣୁ ନ ଥିଲେ ଓ ରବିବାର ଉପାସନାରେ ସେମାନେ ଗଣ୍ଡଗୋଳ କରିବେ ବୋଲି ଧମକ ଦେଉଥିଲେ । ଆମ ମଣ୍ଡଳୀର ସଦସ୍ୟମାନେ ସେମାନଙ୍କ ଦାବୀକୁ ଆଦୌ ଗ୍ରହଣ କରି ନଥିଲେ ।

ମୁଁ ମୋର ପ୍ରାର୍ଥନା କୋଠରୀକୁ ଗଲି ଓ ଈଶ୍ୱରଙ୍କ ମଣ୍ଡଳୀର କ୍ଷତି କରିବାକୁ ଚାହୁଁଥିବା ଲୋକମାନଙ୍କ ପ୍ରତି ନ୍ୟାୟ ଦେଖାଇବା ନିମନ୍ତେ ତାଙ୍କର ଦୂତମାନଙ୍କୁ ପ୍ରେରଣ କରିବା ପାଇଁ ଈଶ୍ୱରଙ୍କ ନିକଟରେ ଆଣ୍ଠୁଭାଙ୍ଗି ପ୍ରାର୍ଥନା କଲି ।

ପ୍ରାର୍ଥନା କରୁଥିବା ସମୟରେ , ଈଶ୍ୱର ମୋ ଜୀବନରେ ହସ୍ତକ୍ଷେପ କରିଥିଲେ । ପ୍ରଭୁ ମୋତେ ମୋର ଆଦ୍ୟ ସମୟର ପାଳକ ଜି.ସୁନ୍ଦରମ୍‌ଙ୍କ ଶିକ୍ଷାକୁ ସ୍ମରଣ କରାଇ ଦେଇଥିଲେ, "ଅନ୍ୟମାନେ କରିପାରନ୍ତି....ମାତ୍ର ଆମେ କରିବା ଉଚିତ୍ ନୁହେଁ ।" ପ୍ରତିବେଶୀର ଦାବୀ ଅନୁସାରେ ସମସ୍ତ ଆବଶ୍ୟକୀୟ ମରାମତି କାର୍ଯ୍ୟ କରିବା ପାଇଁ ପ୍ରଭୁ ମୋତେ ବାଧ କରିଥିଲେ । ପୁଣି ପ୍ରଭୁ ମୋତେ ଏହି ବିଶ୍ୱାସ ମଧ ପ୍ରଦାନ କରିଥିଲେ ଯେ ଯଦି ମୁଁ ତାଙ୍କ କଥା ଶୁଣି ସେହି ଅନୁସାରେ କାର୍ଯ୍ୟ କରିବି, ତେବେ ସେ ଦିନେ ମୋତେ ସେହି ସମଗ୍ର ଗୃହଟିକୁ କ୍ରୟ କରିବାରେ ସାହାଯ୍ୟ କରିବେ । ସେହି ଅନୁସାରେ , ମୁଁ ପ୍ରଭୁଙ୍କର ବାଧ ହୋଇଥିଲି ଓ ସମସ୍ତ ମରାମତି କାର୍ଯ୍ୟ କରି ସେହି ପ୍ରତିବେଶୀକୁ ସନ୍ତୁଷ୍ଟ କରିଥିଲି । ଏହା ମୋ ଉପରେ ଏକ ବଡ଼ ଅର୍ଥନୈତିକ ବୋଝ ହୋଇଥିବାରୁ ମୁଁ ଅତି ବିଷାଦଗ୍ରସ୍ତ ହୋଇଥିଲି। ମାତ୍ର ଏହା ବୁଝିବାରେ ଈଶ୍ୱର ମୋତେ ସାହାଯ୍ୟ କରି ଥିଲେ - "ସଦାପ୍ରଭୁ ନିଶ୍ଚୟ ଯୋଗାଇବେ"

୬ମାସ ପରେ , ସେହି ସମଗ୍ର ସଂପତ୍ତି ଓ ମୁଁ ଯୋଗଇଦେଇଥିବା ସମସ୍ତ ଉପକାରଣ କ୍ରୟ କରିବାରେ ଈଶ୍ୱର ମୋତେ ସାହାଯ୍ୟ କରିଥିଲେ। ସେହି ନିକଟସ୍ଥ ଗୃହକୁ କ୍ରୟ କରିବା ମାତ୍ରେ, ଆମର ପୁରୁଣା ଗୃହ ସହିତ ଏହାକୁ ସଂଯୁକ୍ତ କରିବାରେ ଓ ଆମ ଗୃହର ଆକାରକୁ ଦ୍ୱିଗୁଣ କରିବାରେ ମଧ ପ୍ରଭୁ ସହାଯ୍ୟ କରିଥିଲେ ।

ଆମର ଈଶ୍ୱର କେତେ ବିସ୍ମୟ ଜନକ !

ଆମେ କେତେ ଆଶୀର୍ବାଦ ପ୍ରାପ୍ତ


## ବାଇବଲ କୋର

**ଚିଠିପତ୍ର ମାଧମରେ ବାଇବଲ ପାଠ୍ୟକ୍ରମ**

ଆମେ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ନୂତନ ଖ୍ରୀଷ୍ଟିଆନ ମାନଙ୍କୁ ବାଇବଲର ମୌଳିକ ତଥ୍ୟ ସମ୍ବନ୍ଧରେ ଡାକଯୋଗେ ପାଠକ୍ରମ ଯୋଗାଇ ଦେଉଅଛୁ। ଆପଣମାନେ **"ଆପଣମାନଙ୍କ ନିମନ୍ତେ ନୂତନ ଜୀବନ"** ନାମକ ଏକ ୭୦ ପୃଷ୍ଠା ବିଶିଷ୍ଟ ପାଠ୍ୟ ପୁସ୍ତକ ପାଇବେ । ଏହି ପାଠ୍ୟକ୍ରମ ଶେଷ ହେବାପରେ ଗୋଟିଏ ପ୍ରମାଣ ପତ୍ର ମଧ ପାଇବେ । ଏଥିପାଇଁ କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଏଡି ପାଠ୍ୟକ୍ରମଟି କେବଳ ଭାରତରେ ଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ।

## ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ

ଆପଣ ଅଳ୍ପ ସପ୍ତାହ ମାଧମରେ ଡାକଦ୍ୱାରା ଇଂରାଜୀ ଓ ତାମିଲରେ ଥିଓଲୋଜି ଅଧ୍ୟୟନ କରିପାରିବେ ଓ ଜଣେ ଆତ୍ମିକ ସେବକ ହୋଇ ପାରିବେ । ଆପଣ ସେବାକାର୍ଯ୍ୟର ପ୍ରମାଣ ପତ୍ର ପାଇ ପାରିବେ । ପାଠ୍ୟକ୍ରମଟିର ମୂଲ୍ୟ ୫୨୦ ଟଙ୍କା ମାତ୍ର । ୧୪୨ଟି ଅଧାୟ ବିଶିଷ୍ଟ ୭ଟି ପୁସ୍ତକ ଯେଗାଇ ଦିଆଯିବ ।

**ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ**

**Address - The Chairman, Nehemiah Bible College,**

**ECHO OF HIS CALL**

10, Mohammed Abdullah 2nd Street,Opp. Cricket Stadium, Chepauk, Chennai - 600 005, India

Phone : ( 044) 2852 8282 / 2852 9293 , Cell : 9841071852. , E-Mail : sam@echoofhiscall.org

RNI NO. 70105/98, Postal Regn. No. TN/CH (C)/198/18-20 WPP NO. TN/PMG(CCR)/WPP-265/18-20

## ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡ଼ାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ - ଟ. ୧୦୦/-,**

**ଆଜୀବନ ସଭ୍ୟଚାନ୍ଦା = ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ। ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାଯତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣମାନଙ୍କର ସାହାଯ୍ୟ ( D.D, ଚେକ୍, ମନିଅର୍ଡର ଦ୍ୱାରା) ନିମ୍ନ ଲିଖିତ ଠିକଣାରେ ପ୍ରେରଣ କରିପାରିବେ ।

ଦୟାକରି ଆପଣମାନଙ୍କର ଫୋନ ନମ୍ବରଗୁଡ଼ିକୁ ଓ ଇ-ମେଲ ଠିକଣା ପ୍ରେରଣ କରନ୍ତୁ ।

**ECHO OF HIS CALL**
10, Mohammed Abdullah 2nd Street,
Chepauk, Chennai - 600 005, India
Phone : ( +91-44) 2852 8282 / 2852 9293
Mob - 9841071852, 95661 31858
E-Mail : sam@echoofhiscall.org/
biblecor@yahoo.co.in
Website: www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା)।
୨. ବାଇବଲ କୋର - ପତ୍ର ମାଧମରେ ବାଇବଲ ପାଠ୍ୟକ୍ରମ,ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ,ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡିଆ , ନେପାଳୀ,ଆସାମୀ, ପଞ୍ଜାବୀ , ଉର୍ଦ୍ଦୁ , ସିଂହଳ ଓ ଆଫ୍ରିକାନସ୍ )
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟିକେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ଚଳଚ୍ଚିତ୍ର ସେବା ଓ ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ।
୧୦. ସୁସମାଚାର ଛାପା କଳ - ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ - ରବିବାର ସକାଳ ଘ. ୮.୩୦ ମିନିଟ୍ ।
୧୩. ତାମିଲ ଉପାସନା - ରବିବାର ସକାଳ ଘ. ୫.୦୦,୭.୦୦ ଓ ସକାଳ ୧୦.୦୦
୧୪. ତେଲୁଗୁ ପ୍ରାର୍ଥନା ସଭା - ରବିବାର ସନ୍ଧ୍ୟା ଘ.୪.୦୦
୧୫. ହିନ୍ଦୀ ଉପାସନା - ରବିବାର ସଂଧ୍ୟା ଘ. ୫.୦୦
୧୬. ମାଲୟାଲାମ୍ ଉପାସନା - ରବିବାର ସଂଧ୍ୟା ଘ. ୫.୦୦
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସଂଧ୍ୟା ୬.୦୦ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ - ରବିବାର ଅପରାହ୍ନ ଘ. ୪.୦୦ ଘଟିକା ।
୧୯. ମହିଳା ମାନଙ୍କର ପ୍ରାର୍ଥନା ସଭା - ବୁଧବାର ସଂଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ-ସପ୍ତାହ ବାଇବଲ ଅଧ୍ୟୟନ - ବୁଧବାର ସଂଧା ଘ. ୬.୩୦ ମିନିଟ୍ ।
୨୧. ପୁରୁଷ ମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସଂଧ୍ୟା ୬.୩୦ମିନିଟ୍ ।
୨୨. ଶନିବାର ଉପାସନା - ଶନିବାର ସନ୍ଧ୍ୟା ୫.୦୦ ଘଟିକା
୨୩. କର୍ମଚାରୀ ମାନଙ୍କର ସଭା - ଶନିବାର ସଂଧ୍ୟା ୬.୦୦ ଘଟିକା।
୨୪. ଗୃହ ସଭା - ମଙ୍ଗଳବାର , ଗୁରୁବାର, ସଂଧା ଘ. ୬.୩୦ ମିନିଟ୍ ।
୨୫ ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୬. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର - ପ୍ରଥମ ଶନିବାର ସଂଧା ୫.୩୦ ଘଟିକା ।
୨୭. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସଂଧା ୪.୦୦ ଘଟିକା ।
୨୮. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି. (ରାତ୍ର)
୨୯. ଉପବାସ ପ୍ରାର୍ଥନା - ପ୍ରଥମ ଶନିବାର ସକାଳ ୯ .୩୦ଘଟିକା
୩୦. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା
୩୧. ପ୍ରାତଃ ଉପାସନା - ପ୍ରତିଦିନ ସକାଳ ଘ.୫.୦୦
୩୨. କର୍ମଚାରୀ ମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ମି.
୩୩. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଘ.୯.୦୦ମି. ଠାରୁ ରାତ୍ର ୯.୦୦(ରବିବାର ବ୍ୟତୀତ)

**RNI NO. 70105/98**
**Postal Regn. No. TN/CH/(C)/198/18-20**
**WPP NO. TN/PMG(CCR) / WPP- 265/18-20**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th SEPTEMBER 2020**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957,**
**Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

To

*GOD BLESS YOU!*

Owned and published by **S. Sam Selva Raj** from No.18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** No. 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**